RNI. Regd. No. ORORI/25/A1227
■ 29 August 2026, Saturday
■ Vol-02 ■ Issue - 57
■ Odia ■ Daily
■ Puri ■ Page- 8
■ Price-Rs.5/-
■ ୨୯ ଅଗଷ୍ଟ ୨୦୨୬, ଶନିବାର
■ ୦୨ ବର୍ଷ ■ ସଂଖ୍ୟା-୫୭ ■ ଓଡ଼ିଆ
■ ଦୈନିକ (ପ୍ରାତଃ ସଂସ୍କରଣ) ■ ପୁରୀ
■ ପୃଷ୍ଠା- ୮ ■ ମୂଲ୍ୟ-୫/
www.prabahaepaper.com

ସମୟ ସ୍ରୋତରେ ଆମେ
# ପ୍ରବାହ
PRABAHA
A Leading Odia Daily News Paper

prabahatv.com
odia.prabahatv.com
prabaha tv
prabaha tv

## ନୟାଗଡ଼ରୁ 'ସୁଭଦ୍ରା'ର ପଞ୍ଚମ କିସ୍ତି

# ୧ କୋଟି ୩ ଲକ୍ଷ ଆକାଉଣ୍ଟକୁ ଗଲା ୫,୧୬୩କୋଟି ଟଙ୍କା




ଭୁବନେଶ୍ୱର,୨୮/ ୦୮(ପ୍ରବାହ ନ୍ୟୁଜ); ନୟାଗଡ଼ ଜିଲ୍ଲାରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହିତାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି କିସ୍ତିରେ, ୧କୋଟି ୩ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ୫୧୬୩ କୋଟି ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମାଝି ନିଜ ବକ୍ତବ୍ୟରେ କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି । ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି ।ମହିଳାଙ୍କ ବିକାଶ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ରାଜ୍ୟ ଓ କନ୍ଦ୍ରେ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ମହିଳା ଉଦ୍ୟୋଗୀ ଭିତ୍ତିଭୂମି, ୨୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ, କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍ ?ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ କରାଯାଇଛି। ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। Subhadra Annual report 2025-26, SBI Survey Report ଏବଂ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ ।ଏହି କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଏବଂ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ ମୃଣାଳିନୀ ଦର୍ସ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିରରେ ହାଇଟେକ୍ ସୁରକ୍ଷା; ମୁହଁ ସ୍କାନ୍ ଓ ଫିଙ୍ଗର ପ୍ରିଣ୍ଟରେ ଧରାପଡ଼ିବେ ଅପରାଧୀ

ପୁରୀ,୨୮/ ୦୮(ପ୍ରବାହ ନ୍ୟୁଜ); ଅପରାଧିକ ରେକର୍ଡ ଥିବା ବ୍ୟକ୍ତିମାନଙ୍କ ପାଇଁ କଡ଼ା ସତର୍କବାଣୀ। ଶ୍ରୀମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ Facial Recognition System I Fingerprint Verification ମାଧ୍ୟମରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି ।ଏହି ହାଇଟେକ୍ ଅଭିଯାନରେ ସନ୍ଦେହଜନକ ବ୍ୟକ୍ତିଙ୍କ ମୁହଁ ସ୍କାନ କରି ସେମାନଙ୍କ ପରିଚୟ ଓ ଉପଲବ୍ଧ ଅପରାଧିକ ରେକର୍ଡ ଯାଞ୍ଚ କରାଯାଉଛି । ଆବଶ୍ୟକ ସ୍ଥଳରେ ଫିଙ୍ଗରପ୍ରିଣ୍ଟ ମାଧ୍ୟମରେ ମଧ୍ୟ ପରିଚୟ ସତ୍ୟାପନ କରୁଛି ପୋଲିସ ।ପୋଲିସ ସୂଚନା ଅନୁସାରେ, ପୁରୀରେ ରହୁଥିବା କିମ୍ବା ଅନ୍ୟ ଜିଲ୍ଲା ଓ ଅନ୍ୟ ରାଜ୍ୟରୁ ଆସି ଏଠାରେ ବସବାସ କରୁଥିବା ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଏହାଦ୍ୱାରା ଚୋରୀ,



ଛିନତାଇ ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ଅପରାଧ ରୋକିବାକୁ ପଦକ୍ଷେପ ନିଆଯାଉଛି। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଟେକ୍ନୋଲୋଜି ଆଧାରିତ ଯାଞ୍ଚକୁ ଅଧିକ ଜୋରଦାର କରାଯାଇଛି ।

## କାଳିଆ ବଳିଆଙ୍କୁ ରାକ୍ଷୀ ବାନ୍ଧିଲେ ଭଉଣୀ ଦେବୀ ମା ସୁଭଦ୍ରା



ପୁରୀ,,୨୮।୮(ପ୍ରବାହ ନ୍ୟୁଜ): ଶ୍ରାବଣ ପୂର୍ଣ୍ଣିମାରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ପାଳିତ ହୋଇଯାଇଛି । ମହାପ୍ରଭୁଙ୍କ ମାନବୀୟଲୀଳା ମଧ୍ୟରେ ରକ୍ଷା ବନ୍ଧନ ଏକ ନିଆରା ପର୍ବ । ଶ୍ରୀମନ୍ଦିର ରୀତିନୀତି ଅନୁଯାଇ ବଡଠାକୁର ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭଉଣୀ ଦେବୀ ସୁଭଦ୍ରା ରାଖୀ ବାନ୍ଧିଛନ୍ତି । ପୂର୍ବରୁ ପାଟରା ବିଶୋଇ ସେବକ ମାନେ ରାଖୀ ପ୍ରସ୍ତୁତ କରି ପୂର୍ଣ୍ଣିମା ରେ ଶ୍ରୀମନ୍ଦିର ଗାରଦକୁ ଦେଇଛନ୍ତି । ନାଲି, ନେଳି, ହଳଦିଆ ଓ ବାଇଗଣୀ ରଙ୍ଗର ରାକ୍ଷୀ ପିନ୍ଧିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଶନିବାର ପବିତ୍ର ଗହ୍ମା ପୁନେଁଇରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇଛନ୍ତି ଭଉଣୀ ଦେବୀ ମା ସୁଭଦ୍ରା। ଦୁଇ ଭାଇ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ନିଜ ସୁରକ୍ଷା ଲୋଡିଛନ୍ତି ଦେବୀ ମା ସୁଭଦ୍ରା । ଭାଇ ଭଉଣୀଙ୍କ ଥିବା ଏହି ସମ୍ପର୍କ ଡୋରିର ନିଦର୍ଶନକୁ ଗହ୍ମା ପୁନେଁଇରେ ଦର୍ଶନ କରି ନିଜକୁ ଧନ୍ୟ ମଣିଛନ୍ତି ଭକ୍ତ। ଚିତାଲାଗି ଅମାବାସ୍ୟା ଠାରୁ ମହାପ୍ରଭୁଙ୍କ ପାଇଁ ପାଟରା ବିଶୋଇ ସେବକ ରାକ୍ଷୀ ପ୍ରସ୍ତୁତି କରି ନିଜକୁ ଧନ୍ୟ ମନେ କରିଛନ୍ତି । ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀ ବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପରିଧାନ କରିଛନ୍ତି । ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆ ମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଦାରୁବ୍ରହ୍ମ । ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ ହୋଇଛି । ଶ୍ରୀମନ୍ଦିରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ରକ୍ଷାବନ୍ଧନ ଓ ଶ୍ରୀବଳଭଦ୍ରଙ୍କ ଜନ୍ମଦିନ ନିତିକାନ୍ତି ଦର୍ଶନ କରି କୃତାର୍ଥ ହୋଇଛନ୍ତି ।

## ଶିମିଳିପାଳ ଜଙ୍ଗଲରେ ମୁକ୍ତରେ ବୁଲିବ ବାଘୁଣୀ 'ଜିନ୍ନତ୍'

ମୟୂରଭଞ୍ଜ,୨୮/ ୦୮(ପ୍ରବାହ ନ୍ୟୁଜ); ଶିମିଳିପାଳରୁ ଆସିଛି ଖୁସିର ଖବର । ବାଘୁଣୀ 'ଜିନ୍ନତ୍' ବେକରୁ କଢାଯିବ ରେଡିଓ କଲର। ୨୦୨୪ ନଭେମ୍ବରରେ ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଅଣାଯାଇଥିବା ବାଘୁଣୀ 'ଜିନ୍ନତ୍' ଶିମିଳିପାଳ ଜଙ୍ଗଲରେ ନିଜର ସ୍ଥାନ ସଫଳତାର ସହ ସ୍ଥାପନ କରିବା ସହ ୪ ସନ୍ତାନ ଜନ୍ମ କରିଛି । ପ୍ରାରମ୍ଭିକ ସମୟରେ ଶିମିଳିପାଳ ଜଙ୍ଗଲ ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲା । ପରେ ତାକୁ ସୁରକ୍ଷିତ ଉଦ୍ଧାର କରି ପୁଣି ଶିମିଳିପାଳ ଅଣାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଏହାର ଗତିବିଧି ଉପରେ ନଜର ରଖିବା ପାଇଁ


### ବେକରୁ ହଟିବ ରେଡିଓ କଲର



ବ୍ୟବହାର ହେଉଥିବା ରେଡ଼ିଓ କଲରକୁ ହଟାଇବାକୁ ନିଷ୍ପତ୍ତି ନେଇଛି । ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଗୋଗିନେନୀଙ୍କ ସୂଚନା ପ୍ରଦାନ କରି କହିଛନ୍ତି ଯେ ଆଗାମୀ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ବାଘୁଣୀ ଜିନ୍ନତ୍ ବେକରୁ ରେଡ଼ିଓ କଲରକୁ ବାହାର କରାଯିବ ।ଏହି ରେଡ଼ିଓ କଲରକୁ କୌଣସି ପ୍ରକାର ଟ୍ରାଙ୍କୁଲାଇଜେସନ୍ ନକରି ଦୂରରୁ ଟେକ୍ନୋଲୋଜି ମାଧ୍ୟମରେ କରାଯିବ ବୋଲି ଜଣାପଡ଼ିଛି । ବାଘୁଣୀ ଏବଂ ତା'ର ଛୁଆମାନେ ସଫଳତାର ସହ ଜଙ୍ଗଲରେ ବଢୁଥିବାରୁ ଏବଂ ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହାସଲ ହୋଇସାରିଥିବାରୁ ଏହାକୁ ନିୟମିତ ଟ୍ରାକ୍ କରିବା ଆବଶ୍ୟକ ନାହିଁ ବୋଲି ବନ୍ୟପ୍ରାଣୀ ଅଧିକାରୀମାନେ ମତ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ବାଘ ସଂରକ୍ଷଣର ସଫଳତା ପରେ ଶିମିଳିପାଳ ବନ ବିଭାଗ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରୀୟ ଭାରତରୁ ଆଉ ଏକ ଯୋଡ଼ା ବାଘ ଆଣିବା ପାଇଁ ଯୋଜନା କରୁଛି । ଏହା ବ୍ୟତୀତ ସାତକୋଶିଆରେ ମଧ୍ୟ ବାଘ ପୁନଃପ୍ରବେଶ କାର୍ଯ୍ୟକ୍ରମକୁ ପୁନଃଜୀବିତ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଘଞ୍ଜଉଇ) ପକ୍ଷରୁ ସବୁଜ ସଙ୍କେତ ମିଳିସାରିଛି ।

# ନେପାଳରେ ମୃତ୍ୟୁର ବିଭୀଷିକା

## ଏଯାବତ ୫୪୭ ମୃତ ଦେହ ଉଦ୍ଧାର, ୯୩ ହଜାର ଲୋକ ପ୍ରଭାବିତ



ନୂଆଦିଲ୍ଲୀ,୨୮/ ୦୮(ପ୍ରବାହ ନ୍ୟୁଜ); ନେପାଳରେ ମୃତ୍ୟୁର ବିଭୀଷିକା । ମାତ୍ର ତିନି ଦିନରେ ମୃତ୍ୟୁ ସଂଖ୍ୟା ହୁ ହୁ ହୋଇ ବଢୁଛି । ଶୁକ୍ରବାର ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଆଧାରରେ ଏଯାବତ ୫୪୭ ଲୋକଙ୍କ ମୃତ ମିଳିଛି । ସେପଟେ ୩୨୦ ଜଣ ଭାରତୀୟ ଏବେବି ନିଖୋଜ ଥିବାବେଳେ ୪୦୦ ଭାରତୀୟ ଚୀନ ସୀମାରେ ଫସି ରହିଛନ୍ତି । ୩୯୩ ମୃତଦେହର ପରିଚୟ ସ୍ପଷ୍ଟ ହୋଇନାହିଁ । ଏବେ ସୁଦ୍ଧା ୩ ହଜାର ୨୫୩ ଲୋକଙ୍କୁ ଉଦ୍ଧାର କରାଯାଇଛି । ପ୍ରାୟ ୯୩ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୧୫୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଥିବା ବୈଦେଶିକ ମନ୍ତ୍ରାଳୟ ସଚିବ ରଣଧୀର ଜୟସୱାଲ କହିଛନ୍ତି । ସେପଟେ ୨୧ ଜଣ ଭାରତୀୟ ସୁରକ୍ଷିତ ଭାବେ ଦିଲ୍ଲୀରେ ପହଁଚିଛନ୍ତି । ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସମସ୍ତଙ୍କୁ ଭେଟିଛନ୍ତି । କେନ୍ଦ୍ର ମନ୍ତ୍ରୀ ନେପାଳ ସେନା, ସରକାର ଏବଂ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସକୁ ଧନ୍ୟବାଦ ଜଣାଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚୀନ ପାର୍ଶ୍ୱରେ ଥିବା ପ୍ରାୟ ୪୦୦ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି। ନେପାଳରେ ବନ୍ୟା ପରେ ଭାରତ ସରକାର ନିରନ୍ତର ଭାବରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିଆସୁଛି। ମନ୍ତ୍ରଣାଳୟ କହିଛି ଯେ ଏକ ସୁଡ଼ଙ୍ଗରୁ ଲୋକଙ୍କୁ ବାହାର କରିବା ପାଇଁ ନେପାଳକୁ ଏକ ଉଦ୍ଧାର ଦଳ ପଠାଯିବ। ଏହା ସହିତ, ଏକ ଡାକ୍ତରୀ ଦଳ ମଧ୍ୟ ପଠାଯିବ। ଭାରତ ସରକାର ଏବଂ ଭାରତୀୟ ଦୂତାବାସ ମିଳିତ ଭାବରେ ଉଦ୍ଧାର ହୋଇଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରୁଛନ୍ତି। ଗତ ବୁଧବାର ନେପାଳର ରସୁଓ୍ୱାରେ ଭୋଟେକୋଶୀ ନଦୀରେ ଆସିଥିଲା ଆକସ୍ମିକ ବନ୍ୟା । ପାହାଡ଼ର ଛାତି ଚିରି ପ୍ରଖର ଗତିରେ ଆସି ସବୁ କିଛି ନିଜ ସାଥିରେ ନେଇଯାଇଥିଲା ପ୍ରଳୟଙ୍କାରୀ ବନ୍ୟା । ଏହି ବନ୍ୟାରେ ଅନେକ ଘର, ବଡ଼ ବଡ଼ ପୋଲ, ବିଦ୍ୟୁତ ପ୍ରକଳ୍ପକୁ କାଗଜ ଭଳି ଭାସି ଯାଇଥିଲା ।

### ନେପାଳ ବନ୍ୟାରେ ବରଗଡର ୩ ଜଣ ନିଖୋଜ

## ନିଖୋଜ ଓଡ଼ିଆଙ୍କ ସଂଖ୍ୟା ୫ ରେ ପହଞ୍ଚିଛି

ଭୁବନେଶ୍ୱର: ନେପାଳରେ ଆସିଥିବା ଭୟଙ୍କର ବନ୍ୟା ମଧ୍ୟରେ ଏକ ଓଡ଼ିଆ ଦମ୍ପତି ଏବଂ ସେମାନଙ୍କର ଦୁଇ ବର୍ଷର ଝିଅ ନିଖୋଜ ହୋଇଯାଇଛନ୍ତି ଏବଂ ଏପର୍ଯ୍ୟନ୍ତ ସେମାନଙ୍କର କୌଣସି ପତ୍ତା ମିଳିନାହିଁ।ନିଖୋଜ ପରିବାରର ନାମ ଗୁନ୍ନମ ଜୟକୃଷ୍ଣ, ତାଙ୍କ ସ୍ତ୍ରୀ ଗୁନ୍ନମ ସାଇ ବିନ୍ଦୁ କୁମାରୀ ଏବଂ ସେମାନଙ୍କର ଦୁଇ ବର୍ଷର ଝିଅ ବୋଲି ଚିହ୍ନଟ କରାଯାଇଛି। ଏହି ତିନି ଜଣ ବରଗଡ ଜିଲ୍ଲା ଅନ୍ତର୍ଗତ ସରଳା ଜାମପାଲି ଅଞ୍ଚଳର ।ପରିବାର ସଦସ୍ୟଙ୍କ ଅନୁଯାୟୀ, ଜୟକୃଷ୍ଣ ନେପାଳରେ ଏକ ଜଳବିଦ୍ୟୁତ ପ୍ରକଳ୍ପରେ କାମ କରୁଥିଲେ ଏବଂ ତାଙ୍କ ସ୍ତ୍ରୀ ଏବଂ ପିଲାଙ୍କ ସହିତ ସେଠାରେ ରହୁଥିଲେ। ନେପାଳରେ ବନ୍ୟା ତାଣ୍ଡବ ସୃଷ୍ଟି କରିବା ପରେ ସେମାନଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ସେମାନଙ୍କ ସହିତ ଯୋଗାଯୋଗ କରିବାର ସମସ୍ତ ପ୍ରୟାସ ବିଫଳ ହୋଇଛି। ଏହି ଘଟଣା ଓଡିଶାରେ ନିଜ ପରିବାର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି ।ଏହି ଘଟଣା ସମ୍ପର୍କରେ ନିଶ୍ଚିତ କରି ବରଗଡ ଜିଲ୍ଲା କଲେକ୍ଟର ଆଦିତ୍ୟ ଗୋଏଲ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ପୂର୍ବରୁ ସତର୍କ କରିଦେଇଛି। 'ସାରଳା ଜାମପାଲିର ଏକ ପରିବାର ନେପାଳରେ ନିଖୋଜ ଥିବା ସୂଚନା ଆମେ ପାଇଲୁ। ଆମେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛୁ ଏବଂ ରାଜ୍ୟ ସରକାରଙ୍କୁ ଜଣାଇଛୁ। ସେମାନଙ୍କର ସୁରକ୍ଷିତ ଉଦ୍ଧାର ଏବଂ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି। ମୁଁ ଆଶା ଏବଂ ପ୍ରାର୍ଥନା କରୁଛି ଯେ ଯଥାଶୀଘ୍ର ନେପାଳରେ ସ୍ୱାଭାବିକତା ଫେରାଇ ଆଣନ୍ତୁ।'ନେପାଳ ବନ୍ୟାରେ ଓଡ଼ିଆଙ୍କ ସହିତ ଏହା ଦ୍ୱିତୀୟ ଘଟଣା। ବୁଧବାର ପୂର୍ବରୁ, ନେପାଳର କିଛି ଅଂଶରେ ବନ୍ୟା ଆସିବା ପରେ ଖୋର୍ଦ୍ଧା ଜିଲ୍ଲାର ଦୁଇଜଣ ପର୍ଯ୍ୟଟକ ନିଖୋଜ ହୋଇଥିବା ରିପୋର୍ଟ କରାଯାଇଥିଲା ।ସଦ୍ୟତମ ଯୋଡା ସହିତ, ନେପାଳ ବିପର୍ଯ୍ୟୟରେ ଓଡିଶାର ଅତି କମରେ ପାଞ୍ଚ ଜଣ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି ।

# ଫଟୋ ବି ବଦଳାଇପାରେ ଘରର ଭାଗ୍ୟ

**ପ୍ରତ୍ୟେକ ବ୍ୟକ୍ତିଙ୍କର ସମସ୍ୟା ଭିନ୍ନ ଭିନ୍ନ ହୋଇଥାଏ। କାହାର ଚାକିରିକୁ ନେଇ ଟେନ୍‌ସନ୍ ରହିଥାଏ ତ କାହାର ବିଜ୍‌ନେସ୍‌କୁ ନେଇ। ପୁଣି କିଏ ପଇସାପତ୍ର ପାଇଁ ଅବସାଦରେ ରହିଥାଏ ତ କାହାର ପାରିବାରିକ ସମସ୍ୟା ମୁଣ୍ଡବିନ୍ଧାର କାରଣ ସାଜିଥାଏ। କିନ୍ତୁ ଏସବୁ ସମସ୍ୟାରୁ ବି ମୁକ୍ତି ପାଇହେବ ତାହା ପୁଣି ସାମାନ୍ୟ କେତୋଟି ଫଟୋ ପାଇଁ । ଆସନ୍ତୁ ଜାଣିବା ସେହି ଫଟୋ ବିଷୟରେ ...**



◆ ଘରେ ପଇସାପତ୍ରକୁ ନେଇ ସମସ୍ୟା ଉପୁଜୁଥିଲେ, ଘରର ଉତ୍ତର-ପୂର୍ବ କୋଣରେ ବୋହିଯାଉଥିବା ଝରଣାର ଫଟୋ ଲଗାଇଲେ ଶୁଭଫଳ ମିଳିଥାଏ।

◆ ଘରର ଡ୍ରଇଁ ରୁମ୍‌ରେ ଶସ୍ୟଶ୍ୟାମଳାଭରା ଗଛଲତାର ଫଟୋ ଲଗାଇଲେ ଏହା ସୌଭାଗ୍ୟକୁ ଆମନ୍ତ୍ରିତ କରିବା ସହ ଘରେ ସକାରାତ୍ମକ ଉର୍ଜ୍ଜାକୁ ବଢାଇଥାଏ।

◆ ଘରର ପ୍ରବେଶ ଦ୍ୱାର ନିକଟରେ ସୂର୍ଯ୍ୟୋଦୟର ଫଟୋ ଲଗାଇଲେ ଏହା ପରିବାରର ସମ୍ମାନକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

◆ ଘରର ଦକ୍ଷିଣ-ପୂର୍ବ କୋଣରେ ମାତା ଲକ୍ଷ୍ମୀଙ୍କ ଫଟୋ ଲଗାଇଲେ ପରିବାରର ଶ୍ରୀ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

◆ ଘରର ବୈଠକଖାନା; ଯେଉଁଠି ପରିବାରର ମୁଖ୍ୟମାନେ ବସି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥାନ୍ତି, ସେଠାରେ ଉଚ୍ଚ ଗିରିଶୃଙ୍ଗର ଫଟୋ ଲଗାଇଲେ ଯାହାବି ନିଷ୍ପତି ହୋଇଥାଏ ତାହା ସମସ୍ତଙ୍କ ହିତ ପାଇଁ ହୋଇଥାଏ।

◆ ଡ୍ରଇଂ ରୁମ୍‌ରେ ଧଳା ଘୋଡା ଦୌଡୁଥିବାର ଫଟୋ ଲଗାଇଲେ, ପରିବାରରେ ସୁଖଶାନ୍ତି ବଢେ।

◆ ପିଲାଙ୍କର ପଢାରେ ମନ ଲାଗୁ ନଥିଲେ, ସେମାନଙ୍କ ଷ୍ଟଡି ଟେବୁଲ ପାଖରେ ବଗଟି ମାଛକୁ ଧ୍ୟାନର ସହ ଦେଖୁଥିବାର ଫଟୋ ଲଗାଇବା ଶୁଭ ହୋଇଥାଏ।

# ଗାୟକ ଅଙ୍କିତ ବାଲିଆନଙ୍କୁ ଗୁଳି କରି ହତ୍ୟା



ଉତ୍ତରପ୍ରଦେଶର ଶାମଲି ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ହରିୟାଣଭୀ ଗାୟକ ଅଙ୍କିତ ବାଲିଆନଙ୍କୁ ଜିମରୁ ବାହାରୁଥିବା ସମୟରେ ଗୁଳି କରି ହତ୍ୟା କରାଯାଇଛି । ୪ ଜଣ ଅଜଣା ଦୁର୍ବୃତ୍ତ ଅଙ୍କିତଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଅଙ୍କିତଙ୍କ ଶରୀରରେ ଏକାଧିକ ଗୁଳି ଲାଗିଥିଲା । ଯାହା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଏଥିସହ ଘଟଣାସ୍ଥଳରୁ ପ୍ରାୟ ୨୦ କୋଟି ଟଙ୍କା ମଧ୍ୟ ଜବତ ହୋଇଛି । ସେପଟେ ଦିନ ଦ୍ୱିପ୍ରହରରେ ରାସ୍ତା ମଝିରେ ଅଙ୍କିତ ବାଲିଆନଙ୍କ ଏଭଳି ହତ୍ୟା ପଶ୍ଚିମ ଉତ୍ତରପ୍ରଦେଶର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି । ଏବେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ହେଲେ ଏପର୍ଯ୍ୟନ୍ତ ଆକ୍ରମଣକାରୀଙ୍କ କୌଣସି ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିନାହିଁ କିମ୍ବା କୌଣସି ଅଭିଯୁକ୍ତ ଗିରଫ ହୋଇନାହାଁନ୍ତି । ଏହାରି ମଧ୍ୟରେ ହରିୟାଣାରୁ ଏହି ହତ୍ୟାକାଣ୍ଡକୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ସୂଚନା ଅନୁସାରେ, ସୋନିପତର ଜଣେ ଅପରାଧୀ ଅଙ୍କିତ ବାଲିଆନଙ୍କ ହତ୍ୟାର ଦାୟିତ୍ୱ ନେଇଛି । ସୋନିପତର ଭୋଲୁ ଶାହପୁରିଆ ଏହି ହତ୍ୟାକାଣ୍ଡର ଦାୟିତ୍ୱ ନେଇଥିବା ଦାବି କରାଯାଉଛି । ତେବେ ଭୋଲୁ ଶାହପୁରିଆ କିଏ ଏବଂ ଅଙ୍କିତଙ୍କ ସହ ତାଙ୍କର କ'ଣ ଶତ୍ରୁତା ଥିଲା, ସେନେଇ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି । ଭୋଲୁ ଶାହପୁରିଆ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଅଙ୍କିତ ବାଲିଆନଙ୍କ ହତ୍ୟାର ଦାୟିତ୍ୱ ନେଇଥିବା ଦାବି ହୋଇଛି। ପୋଷ୍ଟରେ କୁହାଯାଇଛି ଯେ, ଅଙ୍କିତ ସେମାନଙ୍କ ଶତ୍ରୁମାନଙ୍କ ସହ ମିଶି କାମ କରୁଥିଲେ । ଏକ ପୋଷ୍ଟରେ ଧମକ ଦିଆଯାଇଛି । ଯେଉଁଥିରେ କୁହାଯାଇଛି ଯେ ଯିଏ ସେମାନଙ୍କ ଶତ୍ରୁମାନଙ୍କ ସାଥ୍ ଦେବ, ତାଙ୍କର ମଧ୍ୟ ଏଭଳି ଅବସ୍ଥା ହେବ । ଏହା କେବଳ 'ଆରମ୍ଭ' । ଏଭଳି କହିବା ସହିତ 'ସମସ୍ତଙ୍କ ପାଳି ଆସିବ' ବୋଲି ଧମକ ଦିଆଯାଇଛି । ଏହି ଦାବିର ସତ୍ୟତା ପୋଲିସ ଯାଞ୍ଚ କରୁଛି ।

# ବେହୋସ୍ ଆଶଙ୍କା ସୂଚାଇବ ସ୍ମାର୍ଟ ୱାଚ୍




ସ୍ମାର୍ଟୱାଚ୍ ଏବେ କେବଳ ଚାଲିଲା ବେଳେ ପାହୁଣ୍ଡ ବା ହୃଦ୍‌ସ୍ପନ୍ଦନର ବେଗ ଗଣିବା କିମ୍ବା କଲ୍ ଉଠାଇବା ଡିଭାଇସ୍ ହୋଇ ରହି ନାହିଁ। ଧୀରେ ଧୀରେ ଏହି ଛୋଟିଆ ଉପକରଣ ଆମ ସ୍ୱାସ୍ଥ୍ୟ ଅନୁଚାଳନା ଯନ୍ତ୍ରରେ ବଦଳିବାରେ ଲାଗିଛି। ଟେକ୍ କମ୍ପାନି ସାମ୍‌ସଙ୍ଗ୍ ନିକଟରେ ଏଭଳି ଏକ ଉପକରଣ ପ୍ରସ୍ତୁତ କରିଛି, ଯାହା ଆଗକୁ ଘଟିବାକୁ ଥିବା ଜରୁରି ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଅବଗତ କରିଦେବ। ସାମ୍‌ସଙ୍ଗ୍ ?ର ଦାବି ଯେ, କମ୍ପାନି ଦ୍ୱାରା ନିର୍ମିତ ଗ୍ୟାଲାକ୍ସି ୱାଚ୍ ଆଗତୁରା ବେହୋସ୍ ହେବା ବା ଫେଣ୍ଟ ହୋଇଯିବାର ସଙ୍କେତ ଦେଇ ପାରୁଛି। ଦକ୍ଷିଣ କୋରିଆର ଚୁଙ୍ଗ୍-ଆଙ୍ଗ୍ ବିଶ୍ୱବିଦ୍ୟାଳୟ ଓ ଗ୍ୱାଙ୍ଗମ୍ୟୌଙ୍ଗ୍ ହସ୍‌ପିଟାଲ୍ ଏନେଇ ମିଳିତ ଅଧ୍ୟୟନ କରିଛନ୍ତି। ଅଧ୍ୟୟନରେ ଗ୍ୟାଲାକ୍ସି ୱାଚ୍ ?୬ର ଉପଯୋଗ କରାଯାଇଥିଲା ଓ କୁହାଯାଇଥିଲା ଯେ, ଜଣେ ବ୍ୟକ୍ତି ବେହୋସ୍ ହେବାର ୫ ମିନିଟ୍ ପୂର୍ବରୁ ଏହା ଚେତାଇ ଦେଇପାରୁଛି। ପ୍ରକୃତରେ ଏହି ଟେକ୍ନୋଲୋଜି ବାସୋୱାଗଲ୍ ସାଇନ୍‌କୋପ୍ ବା ଭିଭିଏସ୍‌ରେ କାମ କରିଥାଏ। ହଠାତ୍ ହୃଦ୍‌ସ୍ପନ୍ଦନ ଓ ରକ୍ତଚାପ ଦ୍ରୁତ ଗତିରେ କମି ମଣିଷ ବେହୋସ୍ ହୋଇଯାଇପାରେ। ଅନେକ ସମୟରେ ଅସ୍ୱସ୍ତି, ଯନ୍ତ୍ରଣା, ଭୟ ବା ଦୀର୍ଘ ସମୟ ଛିଡ଼ାହେବା କାରଣରୁ ବି ହୋଇପାରେ। ଏଭଳି ସ୍ଥିତିରେ ପ୍ରାୟତଃ ଲୋକେ ଅଳ୍ପ ସମୟରେ ଠିକ୍ ହୋଇ ପାରନ୍ତି। ତେବେ ଅଚାନକ ପଡ଼ିଗଲେ ଆଘାତ ବା ଭଙ୍ଗାରୁଜାର ଆଶଙ୍କା ରହିଥାଏ।ସାମ୍‌ସଙ୍ଗ୍‌ର ଏହି ଅଧ୍ୟୟନରେ ୧୩୨ ଜଣ ରୋଗୀଙ୍କୁ ସାମିଲ୍ କରାଯାଇଥିଲା। ଏମାନଙ୍କର କ୍ଲିନିକାଲ୍ ପରୀକ୍ଷା କରାଯାଇଥିଲା ଓ ଗ୍ୟାଲାକ୍ସି ୱାଚ୍୬ ସେମାନଙ୍କ ଶରୀରର ଜୈବସଂକେତଗୁଡ଼ିକୁ ଟ୍ରାକ୍ କରିଥିଲା। ଏହାପରେ ଏଆଇ ମଡେଲ୍ ହାର୍ଟ ରେଟ୍ ଓ ଶରୀରର ସ୍ଥିତି ଅନୁଧ୍ୟାନ କରି ବେହୋସ୍ ହେବାର ସଙ୍କେତଗୁଡ଼ିକୁ ବୁଝିବାର ଚେଷ୍ଟା କରିଥିଲା। କମ୍ପାନି ଦାବି କରିଛି ଯେ, ଏହା ୮୬.୬ ପ୍ରତିଶତ ଠିକ୍ ସୂଚନା ଦେଇଥିଲା। ଏହି ସ୍ମାର୍ଟ ୱାଚ୍‌ରେ ପିପିଜି ସେନ୍‌ସର ଲାଗିଥାଏ। ଏହା ଶରୀରର ରକ୍ତ ସଞ୍ଚାଳନ ଓ ହୃଦ୍‌ସ୍ପନ୍ଦନକୁ ଟ୍ରାକ୍ କରି ପରେ ଏଚ୍‌ଭିଆର ବା ହାର୍ଟ ରେଟ୍ ଭାରିଆବିଲିଟି ତଥ୍ୟ ସଂଗ୍ରହ କରିଥାଏ। ଏହା ଆପଣଙ୍କ ହୃଦ୍‌ସ୍ପନ୍ଦନରେ ଘଟୁଥିବା ଛୋଟ ଛୋଟ ପରିବର୍ତ୍ତନଗୁଡ଼ିକୁ ଠଉରାଇନିଏ। ଏଆଇ ଅଲ୍‌ଗୋରିଦମ୍ ଏହାକୁ ବୁଝି ବିପଦର ଅନୁମାନ କରେ।

# ବର୍ଷାଦିନେ ଖାଆନ୍ତୁ ନାହିଁ ଏହି ସବୁ ଖାଦ୍ୟ

## ନଚେତ୍ ଭୋଗିବେ ନାନା ସମସ୍ୟା



ଶରୀରକୁ ସୁସ୍ଥ ରଖିବା ପାଇଁ ସୁସ୍ଥ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖାଇବା ଏବଂ ପିଇବା ଦ୍ୱାରା ଆମେ ଶକ୍ତି ଏବଂ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ପାଇଥାଉ । ତେଣୁ ଋତୁ ବଦଳିବା ସହିତ ଖାଦ୍ୟାଭ୍ୟାସରେ ମଧ୍ୟ ପରିବର୍ତ୍ତନ ଆଣିବା ଜରୁରୀ । ଏବେ ଚାଲିଛି ବର୍ଷା ଋତୁ । ପ୍ରଚଣ୍ଡ ଗରମ ପରେ ବର୍ଷା ସମସ୍ତଙ୍କୁ ଆଶ୍ୱସ୍ତ କରିଥାଏ ।


ଥଣ୍ଡା ପାଗ ସହ ଚା, ପକୁଡ଼ି, କଚୁଡ଼ି, ସିଙ୍ଗଡ଼ା ଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମନ ହୋଇଥାଏ । କିନ୍ତୁ ଏହି ସମୟରେ ଅତ୍ୟଧିକ ତେଲିଆ ଓ ଅସ୍ୱଚ୍ଛ ପରିବେଶରେ ପ୍ରସ୍ତୁତ ଖାଦ୍ୟ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଆମ ଖରାପ ଖାଦ୍ୟଶୈଳୀ ପାଇଁ ଏହି ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ବର୍ଷା ଋତୁରେ ଆମର ପାଚନ ଶକ୍ତି ବହୁତ ଦୁର୍ବଳ ହୋଇଯିବା ସହ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ କମି ଯାଇଥାଏ । ଆମେ ଏମିତି କିଛି ଖାଦ୍ୟକୁ ସେବନ କରିବା ଯାହା ଆମ ଶରୀର ପାଇଁ ସ୍ୱାସ୍ଥ୍ୟକର ବ୍ୟାକ୍ଟେରିଆର ମାତ୍ରାକୁ ବଢାଇବା ସହିତ ଖରାପ ବ୍ୟାକ୍ଟେରିଆ ମାନଙ୍କ ସହିତ ଲଢିବାରେ ସାହାଯ୍ୟ କରିବ । ତେଣୁ ଏହି ସମୟରେ ଖାଦ୍ୟପେୟ ପ୍ରତି ସଚେତନ ରହିବା ନିହାତି ଜରୁରୀ । ତେବେ ବର୍ଷାଦିନେ କେଉଁ ସବୁ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ନୁହେଁ ଆସନ୍ତୁ ସେ ସମ୍ପର୍କରେ ଜାଣିବା ।

ବର୍ଷା ଦିନିଆ ବନ୍ଧା କୋବି ଆଦୌ ଖାଆନ୍ତୁ ନାହିଁ । ବନ୍ଧା କୋବିର ପତ୍ରରେ ବହୁତ କୁନି କୁନି ପୋକ ସବୁ ଲାଗି କରି ରହିଥାନ୍ତି । ଯାହା ପେଟକୁ ଯିବା ଦ୍ୱାରା ଖାଦ୍ୟକୁ ବିଷାକ୍ତ କରିଦେଇଥାଆନ୍ତି । ଏଥିସହ ବର୍ଷା ଦିନେ ଖଟା କିମ୍ବା ଆଚାର ଖାଇବା ଆଦୌ ଦେହ ପକ୍ଷେ ସୁସ୍ଥକର ନୁହେଁ । ଏସବୁ ଖାଦ୍ୟଠାରୁ ନିଜକୁ ଦୂରେଇ ରଖିବା ସବୁଠାରୁ ଭଲ ହୋଇଥାଏ । କୌଣସି ବି ପରିବା କିମ୍ବା ଫଳ କାଟିକି ରଖି ପରବର୍ତ୍ତୀ ମୁହୂର୍ତ୍ତରେ ଖାଆନ୍ତୁ ନାହିଁ । କଟା ଫଳ କିମ୍ବା ପରିବା ବର୍ଷା ଦିନେ କିଛି କ୍ଷଣ ବାହାରେ ରହିବା ପରେ ବିଷାକ୍ତ ହୋଇଯାଇଥାଏ । ସେଥିପାଇଁ ଏଭଳି ଭାବେ ଫଳ ଆଦୌ ଖାଆନ୍ତୁ ନାହିଁ ।

ଏହା ବ୍ୟତୀତ ବର୍ଷା ଦିନରେ ରାସ୍ତା କଡ଼ିଆ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ । ବିଶେଷ କରି ରାସ୍ତା କଡ଼ରେ ମିଳୁଥିବା ଦୋକାନମାନଙ୍କରେ ତେଲଭାଜି ଖାଇବା ଦ୍ୱାରା ଶରୀର ଅସୁସ୍ଥ ହେବାର ବହୁ ସମ୍ଭାବନା ରହିଛି । ଯେମିତିକି ବର୍ଷାଦିନେ ସିଙ୍ଗଡା, ପକୁଡି, ବରା ଭଳି ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ । ନଚେତ୍ ଏହା ପାଟିକୁ ସ୍ୱାଦିଷ୍ଟ କରିଥାଏ ସତ କିନ୍ତୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ମକା ଦେହ ପାଇଁ ଭଲ ବୋଲି ଆପଣ ନିଶ୍ଚୟ ଭାବୁଥିବେ । ହେଲେ ଏହା ପରବର୍ତ୍ତୀ ସମୟରେ ବିପଦଜନକ ସମସ୍ୟା ସୃଷ୍ଟି କରିଥାଏ । ଯଦି ଆପଣ ଏହି ଋତୁରେ ଏପରି କିଛି ଖାଦ୍ୟ ଖାଉଛନ୍ତି, ତେବେ ଏଥିରୁ ଦୂରେଇ ରଖନ୍ତୁ ନଚେତ୍ ଭୋଗିବେ ଅନେକ ସ୍ୱାସ୍ଥ୍ୟ ସମସ୍ୟା । ଯଦି ମାଂସ କିମ୍ବା ସାମୁଦ୍ରିକ ଖାଦ୍ୟ ଭଲ ଭାବରେ ରନ୍ଧା ନହୁଏ, ତେବେ ଏଥିରେ ଥିବା କ୍ଷତିକାରକ ଅଣୁଜୀବ ଖାଦ୍ୟ ବିଷାକ୍ତକରଣର କାରଣ ହୋଇପାରେ । ବର୍ଷା ଋତୁରେ ଏହି ଖାଦ୍ୟ ପ୍ରତି ବିଶେଷ ସତର୍କତା ଆବଶ୍ୟକ । ବର୍ଷା ଋତୁରେ ସ୍ୱାଦଠାରୁ ଅଧିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତୁ । ଯାହା ଦ୍ୱାରା ନାନା ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ପାଇପାରିବେ ।

# ଖରାରେ ରଖନ୍ତୁ ଗ୍ୟାଜେଟ୍ସର ଧ୍ୟାନ

ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ଏବଂ ଖରା ଦେଖିବାକୁ ମିଳୁଛି, ଯେଉଁ କାରଣରୁ ବାୟୁମଣ୍ଡଳର ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ଟପୁଥିବା ଦେଖିବାକୁ ମିଳୁଛି । ତେବେ ଏହା କେବଳ ମଣିଷ ନୁହେଁ, ବରଂ ଆମର ନିତ୍ୟବ୍ୟବହାର୍ଯ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ସ ଯେପରିକି ମୋବାଇଲ, ଲାପଟପ୍, ଇଅରବଡ୍ସ ଏବଂ ପାୱାର ବ୍ୟାଙ୍କ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଉଛି । ଯାହାଫଳରେ ଏଗୁଡ଼ିକ ଅତିଶୀଘ୍ର ଓଭରହିଟ୍ ବା ଅତ୍ୟଧିକ ଗରମ ହୋଇ ବ୍ୟାଟେରୀ ନଷ୍ଟ ହେବା, କାର୍ଯ୍ୟଦକ୍ଷତା କମିଯିବା କିମ୍ବା ହଠାତ୍ ଡିଭାଇସ୍ ବନ୍ଦ ହୋଇଯିବା ଭଳି ସମସ୍ୟା ଦେଖାଦେଉଛି । ତେବେ ବିଶେଷଜ୍ଞଙ୍କ ମତ ଅନୁସାରେ ଶକ୍ତିର ସଂରକ୍ଷଣ ନିୟମ ଆଧାରରେ ଯେତେବେଳେ ଆମେ ଫୋନ୍ ବ୍ୟବହାର କରୁ, ବ୍ୟାଟେରୀରେ ଗଚ୍ଛିତ ଶକ୍ତି ହିଟ୍ ?ରେ ପରିଣତ ହୋଇଥାଏ । କିନ୍ତୁ ଗ୍ରୀଷ୍ମଋତୁରେ ବାହାରର ତାପମାତ୍ରା ଅଧିକ ଥିବାରୁ ଏହି ଉତ୍ତାପ ବାୟୁମଣ୍ଡଳକୁ ସହଜରେ ସ୍ଥାନାନ୍ତରିତ ହୋଇପାରେନାହିଁ । ଯେଉଁଥିପାଇଁ ବିଶେଷ କରି ବ୍ୟାଟେରୀ ଏବଂ ପ୍ରୋସେସ ?ର ମିଶ୍ରଣ ଥିବା ଗ୍ୟାଜେଟ୍ସଗୁଡ଼ିକ ଅଧିକ ଗରମ ହେବାର ଆଶଙ୍କା ଥାଏ । ଏହି ଓଭରହିଟିଂ ସମସ୍ୟାରୁ ବର୍ତ୍ତିବା ପାଇଁ ଫୋନ୍ ?ର ସେଟିଂସରେ କିଛି ଗୁରୁତ୍ୱପୂର୍ଣ୍ଣ ବଦଳ କରାଯାଇପାରିବ, ଯେପରିକି ସ୍କ୍ରିନ୍ ବ୍ରାଇଟନେସ୍ କମ୍ ରଖିବା, ଆବଶ୍ୟକ ନଥିଲେ ରିଫ୍ରେଶ୍ ରେଟ୍ ?କୁ ୬୦ହିର୍ଜ୍ ରେ ସେଟ୍ କରିବା, ଜିପିଏସ୍/ଲୋକେସନ, ବ୍ଲୁଟୁଥ୍ ଏବଂ ନିୟରବାଇ ସ୍କାନିଂ ଭଳି ସେବାଗୁଡ଼ିକୁ ବନ୍ଦ ରଖିବା ଏବଂ ବ୍ୟାକଗ୍ରାଉଣ୍ଡ ଆପ୍ସକୁ ସୀମିତ କରିବା । ଏହା ସହିତ ସବୁଠାରୁ ଅଧିକ ଗରମ ଚାର୍ଜିଂ ସମୟରେ ହେଉଥିବାରୁ କେବଳ ଜରୁରୀ ପରିସ୍ଥିତିରେ ହିଁ ଫାଷ୍ଟ ଚାର୍ଜିଂ ବ୍ୟବହାର କରିବା ଉଚିତ । ସେହିଭଳି ସବୁ ସମୟରେ ବ୍ୟାଟେରୀ ସେଭର୍ ଅନ୍ ରଖିବା କିମ୍ବା କୌଣସି ଅଜଣା 'କୁଲିଂ ଆପ୍ସ' ଇନଷ୍ଟଲ୍ କରିବା ଅନୁଚିତ । କାରଣ ଏହା ବ୍ୟାକଗ୍ରାଉଣ୍ଡ ଲୋଡ୍ ବଢ଼ାଇ ଫୋନ୍‌କୁ ଆହୁରି ଗରମ କରିଦିଏ । ସେହିଭଳି ସବୁବେଳେ ଚେଷ୍ଟା କରନ୍ତୁ କିଭଳି ଗ୍ୟାଜଟ୍ସ ଗୁଡିକୁ ଥଣ୍ଡା ସ୍ଥାନରେ ରଖିବା ସହ ଅପବ୍ୟବହାରରୁ ଦୂରେଇ ରୁହନ୍ତୁ ।







**କେହି କୁହନ୍ତି ଏଠାରେ ମଣିଷ ଅଦୃଶ୍ୟ ହୋଇଯାଉଥିଲେ... କେହି କୁହନ୍ତି ସାପ କାମୁଡ଼ିଲେ ଏଠି ମନ୍ତ୍ରରେ ହୁଏ ଚିକିତ୍ସା...ଆଉ କାହାର ଦାବି, ଏଠିର ପ୍ରାଚୀନ ପାଣ୍ଡୁଲିପିରେ ଲୁଚି ରହିଛି ତନ୍ତ୍ର-ମନ୍ତ୍ରର ଅନେକ ଅଜଣା ରହସ୍ୟ। ଆସାମର ମୋରିଗାଁ ଜିଲ୍ଲାର ଛୋଟ ଗାଁ ମାୟଙ୍ଗକୁ ଆଜି ବି ଭାରତର 'ବ୍ଲାକ୍ ମ୍ୟାଜିକ୍ କ୍ୟାପିଟାଲ' ବୋଲି କୁହାଯାଏ। ତେବେ ଏହା ପଛରେ କେତେ ସତ, କେତେ ଲୋକକଥା ଆସନ୍ତୁ ଜାଣିବା...**

# ଭାରତର 'ବ୍ଲାକ୍ ମ୍ୟାଜିକ୍' ଗାଁ !

## ଲୁଚିଛି ଶହ ଶହ ବର୍ଷର ରହସ୍ୟ...

ବ୍ରହ୍ମପୁତ୍ର ନଦୀ କୂଳରେ ଥିବା ଆସାମର ଏହି ଛୋଟ ଗାଁ ମାୟଙ୍ଗ ଶତାବ୍ଦୀ ଧରି ରହସ୍ୟରେ ଘେରି ରହିଛି। ଗୌହାଟୀଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଥିବା ଏହି ସ୍ଥାନ ଆଜି ଦେଶ-ବିଦେଶର ଗବେଷକ, ଇତିହାସବିଦ୍ ଓ ପର୍ଯ୍ୟଟକଙ୍କ ପାଇଁ ପାଲଟିଛି ଆକର୍ଷଣର କେନ୍ଦ୍ର।

ମାୟଙ୍ଗ ନାମକୁ ନେଇ ମଧ୍ୟ ଅନେକ କାହାଣୀ ରହିଛି। କେହି କହନ୍ତି ଏହା ସଂସ୍କୃତ ଶବ୍ଦ 'ମାୟା'ରୁ ଆସିଛି, ଯାହାର ଅର୍ଥ ହେଉଛି ଭ୍ରମ ବା ଅଲୌକିକ ଶକ୍ତି। ଆଉ ସ୍ଥାନୀୟ ଜନଜାତିଙ୍କ ମତରେ, 'ମିୟୋଙ୍ଗ'ର ଅର୍ଥ ହାତୀ। ଏକଦା ଏହି ଅଞ୍ଚଳ ଜଙ୍ଗଲୀ ହାତୀଙ୍କ ବିଚରଣ କ୍ଷେତ୍ର ଥିବାରୁ ଏହି ନାମ ପଡ଼ିଥିବା କୁହାଯାଏ।

ସ୍ଥାନୀୟ ଲୋକକଥା ଅନୁଯାୟୀ, ମହାଭାରତର ବୀର ଘଟୋତ୍କଚଙ୍କ ସହ ମଧ୍ୟ ଏହି ଅଞ୍ଚଳର ସମ୍ପର୍କ ରହିଛି । କିଛି କିମ୍ବଦନ୍ତୀରେ ତାଙ୍କୁ ମାୟଙ୍ଗର ପ୍ରାଚୀନ ଶାସକ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି। ତେବେ ଏହାର ଐତିହାସିକ ପ୍ରମାଣ ସୀମିତ।

ଏକ ସମୟରେ ମାୟଙ୍ଗ ତନ୍ତ୍ର ସାଧନା ଓ ପାରମ୍ପରିକ ଚିକିତ୍ସାର ବଡ଼ କେନ୍ଦ୍ର ଥିଲା। ଏଠାର ଓଝା ଓ ତାନ୍ତ୍ରିକମାନେ ଔଷଧୀୟ ଗଛ, ମନ୍ତ୍ର ଓ ଲୋକଜ୍ଞାନ ମାଧ୍ୟମରେ ବିଭିନ୍ନ ରୋଗର ଚିକିତ୍ସା କରୁଥିଲେ। ସାପ କାମୁଡ଼ାଠାରୁ ଆରମ୍ଭ କରି ଜ୍ୱର ପର୍ଯ୍ୟନ୍ତ ଅନେକ ରୋଗୀ ଏଠାକୁ ଆସୁଥିଲେ ବୋଲି ସ୍ଥାନୀୟ ଲୋକ କହନ୍ତି।

ମାୟଙ୍ଗର ସବୁଠାରୁ ବଡ଼ ପରିଚୟ ହେଉଛି ଏଠାରେ ସଂରକ୍ଷିତ ପ୍ରାଚୀନ ତାନ୍ତ୍ରିକ ପାଣ୍ଡୁଲିପି। ସଂସ୍କୃତ, ଆସାମୀୟ ସମେତ ବିଭିନ୍ନ ପ୍ରାଚୀନ ଭାଷାରେ ଲେଖାଯାଇଥିବା ଏହି ପାଣ୍ଡୁଲିପିରେ ମନ୍ତ୍ର, ଚିକିତ୍ସା ପଦ୍ଧତି ଓ ତନ୍ତ୍ର ସାଧନା ସମ୍ପର୍କିତ ବିବରଣୀ ମିଳେ। ଆଜି ବି ମାୟଙ୍ଗ ସଂଗ୍ରହାଳୟରେ ଏହି ଦୁର୍ଲଭ ପାଣ୍ଡୁଲିପି ଓ ଐତିହାସିକ ସାମଗ୍ରୀ ସୁରକ୍ଷିତ ରହିଛି।

ସ୍ଥାନୀୟ ଲୋକକଥାରେ ମାୟଙ୍ଗର ଜଙ୍ଗଲ, ଗୁମ୍ଫା ଓ ଗୁପ୍ତ ସାଧନା ସ୍ଥଳକୁ ନେଇ ଅନେକ ରହସ୍ୟମୟ କାହାଣୀ ପ୍ରଚଳିତ ରହିଛି। ତେବେ ଇତିହାସବିଦମାନଙ୍କ ମତରେ, ଏହି ସବୁ ଦାବିର ଅଧିକାଂଶ ଲୋକକଥା ଓ ଜନଶ୍ରୁତି ଉପରେ ଆଧାରିତ, ଯାହାର ପ୍ରମାଣ ସୀମିତ।

ନରବଳିକୁ ନେଇ ମଧ୍ୟ ମାୟଙ୍ଗର ଅନେକ କାହାଣୀ ରହିଛି। କିନ୍ତୁ ଇତିହାସବିଦମାନେ କହନ୍ତି, ଏଭଳି କାହାଣୀର ପ୍ରମାଣ ଅତ୍ୟନ୍ତ କମ୍ ଏବଂ ସମୟ ସହିତ ଏଥିରେ ଅନେକ ଅତିରଞ୍ଜିତ ତଥ୍ୟ ଯୋଡ଼ି ହୋଇଛି। ବର୍ତ୍ତମାନ ସମୟରେ ଏଭଳି କୌଣସି ପ୍ରଥାର ଅସ୍ତିତ୍ୱ ନାହିଁ।

ଆଜି ମାୟଙ୍ଗ କେବଳ ତନ୍ତ୍ର-ମନ୍ତ୍ରର କାହାଣୀ ପାଇଁ ନୁହେଁ, ବରଂ ଆସାମର ସମୃଦ୍ଧ ସଂସ୍କୃତି, ପ୍ରକୃତି ଓ ଐତିହ୍ୟ ପାଇଁ ମଧ୍ୟ ପରିଚିତ। ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଏହି ରହସ୍ୟମୟ ଗାଁକୁ ଆସି ଇତିହାସ ଓ ଲୋକବିଶ୍ୱାସର ଏହି ଅନନ୍ୟ ସଙ୍ଗମକୁ ଅନୁଭବ କରନ୍ତି। ରହସ୍ୟ, ଇତିହାସ, ଲୋକବିଶ୍ୱାସ ଓ ସଂସ୍କୃତିର ଅଦ୍ଭୁତ ମିଶ୍ରଣ... ମାୟଙ୍ଗକୁ ଆଜି ବି ଭାରତର ସବୁଠାରୁ ରହସ୍ୟମୟ ସ୍ଥାନମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଛି।






# ୬ କୋଟିର ପାନୀୟ ଜଳ ପ୍ରକଳ୍ପ ଘରେଘରେ ଗୋଳିଆ ପାଣି



ମାଲକାନଗିରି/ଚିତ୍ରକୋଣ୍ଡା, ୨୮।୮(ପ୍ରବାହ ନ୍ୟୁଜ): ଲୋକଙ୍କୁ ବିଶୁଦ୍ଧ ଓ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ବୃହତ୍ ପାନୀୟ ଜଳ ପ୍ରକଳ୍ପ। କିନ୍ତୁ ପ୍ରକଳ୍ପରୁ ଏବେ ସ୍ୱଚ୍ଛ ପାଣି ବଦଳରେ ଲୋକଙ୍କ ଘରକୁ ପହଞ୍ଚୁଛି ଗୋଳିଆ ଓ କାଦୁଅ ମିଶ୍ରିତ ପାଣି। ଫଳରେ ପାନୀୟ ଜଳ ପାଇଁ ଚିତ୍ରକୋଣ୍ଡା ବ୍ଲକ ପାପରମେଟଲା ପଞ୍ଚାୟତର ଏକାଧିକ ଗ୍ରାମବାସୀ ଘୋର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ତେନ୍ତୁଲିଗୁଡା ଗ୍ରାମରେ ନିର୍ମିତ ଏହି ବୃହତ୍ ପାଣି ଟାଙ୍କିରୁ ପାପରମେଟଲା, ମୁଟୁଲୁଗୁଡା, ଯାମଯୋଡ଼ି, ପୂରଲୁବନ୍ଧା, ପାଲେମ, ତେନ୍ତୁଳିଗୁଡା, ଲାଉଗୁଡା, ଚିନ୍ତାଲୋରି, ନୂଆ ଡୋଲିଆମ୍ଭ, ପାବିଲିଗୁଡା, ଭୀମାରାମ, ସାରିୟାଗୁଡା ଓ ମାଳିଗୁଡା ସମେତ ଅନେକ ଗ୍ରାମକୁ ପାଣି ଯୋଗାଣ ହେଉଛି। ଗତ କିଛି ଦିନ ଧରି ଏହି ଗ୍ରାମଗୁଡ଼ିକରେ ଗୋଳିଆ ଓ କାଦୁଅ ମିଶ୍ରିତ ପାଣି ଯୋଗାଣ ହେଉଥିବାରୁ ଲୋକେ ତାହାକୁ ପିଇବା ତ ଦୂରର କଥା, ରୋଷେଇ ଓ ଅନ୍ୟାନ୍ୟ ଘରୋଇ କାମରେ ମଧ୍ୟ ବ୍ୟବହାର କରିପାରୁନାହାନ୍ତି। ଏନେଇ ପାପରମେଟଲା ସରପଞ୍ଚ ନରସିଂ ସିନ୍ଦେରୀଙ୍କ ସହ ବିଭିନ୍ନ ୱାର୍ଡ ସଦସ୍ୟ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉଦ୍ ?ବେଗ ପ୍ରକାଶ କରିଛନ୍ତି। କମଳା ଶ୍ରୀଗମ, ଜୟ ପାଙ୍ଗି, ଲକ୍ଷ୍ମୀ ଖିଲ, ନର୍ସିଙ୍ଗ ହନ୍ତାଲ, ତୁଳା କାନ୍ଦ୍ରୀ ଓ ଦରମା ଖିଲ ପ୍ରମୁଖ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ପ୍ରକଳ୍ପର ତଦାରଖ ଦାୟିତ୍ୱରେ ଥିବା ନିତ୍ୟାନନ୍ଦ ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟର ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ରକ୍ଷଣାବେକ୍ଷଣ ଓ ଆବଶ୍ୟକୀୟ ମରାମତି ପ୍ରତି ଅବହେଳା କରୁଥିବାରୁ ଏପରି ସମସ୍ୟା ଉପୁଜିଛି।

ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏସଡିଓ କହିଛନ୍ତି ଯେ, ଜଳ ଯୋଗାଣ ପାଇପର କିଛି ଅଂଶ ଫାଟିଯିବାରୁ ପଙ୍କ ଓ କାଦୁଅ ପାଣିରେ ମିଶୁଛି। କ୍ଷତିଗ୍ରସ୍ତ ପାଇପର ମରାମତି କାମ ଆରମ୍ଭ ହୋଇଥିବା ସହ ଲୋକଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଣ ପାଇଁ ପାଣି ଟ୍ୟାଙ୍କର ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପରୁ ଯଦି ବିଶୁଦ୍ଧ ପାଣି ବଦଳରେ କାଦୁଅ ମିଶ୍ରିତ ପାଣି ଯୋଗାଣ ହୁଏ, ତେବେ ପ୍ରକଳ୍ପର ଗୁଣବତ୍ତା ଓ ରକ୍ଷଣାବେକ୍ଷଣକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ ତୁରନ୍ତ ସ୍ଥାୟୀ ସମାଧାନ, ଦାୟୀ ସଂସ୍ଥା ବିରୋଧରେ ପଦକ୍ଷେପ ଏବଂ ନିୟମିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି କରିଛନ୍ତି।

### ସୁଭଦ୍ରା ୫ କିସ୍ତି ଅର୍ଥ ପ୍ରଦାନ, ଜିଲ୍ଲାର ୪୨୨୧୧୨ ହିତାଧିକାରୀ ଉପକୃତ

# ମହିଳା ସଶକ୍ତ ହେଲେ ସମାଜ ସୁଦୃଢ଼ ହେବ: ରାଜସ୍ୱ ମନ୍ତ୍ରୀ



ପୁରୀ ,୨୮।୮(ପ୍ରବାହ ନ୍ୟୁଜ): ମହିଳା ସଶକ୍ତ ହେଲେ ସମାଜ ସୁଦୃଢ ଓ ସଶକ୍ତ ହେବ। ସୁଭଦ୍ରା ଯୋଜନା ଆଜି ଜନ ଜାଗରଣ ରେ ପରିଣତ ହୋଇଛି ।ସୁଭଦ୍ରା ମାଧ୍ୟମରେ ପରିବାର ଓ ସମାଜ ରେ ନାରୀ ମାନଙ୍କ ସମ୍ମାନ ଓ ପ୍ରତିଷ୍ଠା କେବଳ ବୃଦ୍ଧି ପାଇନାହିଁ, ବରଂ ଆର୍ଥିକ ମାନଦଣ୍ଡ ରେ ସେମାନଙ୍କ ଭାଗିଦାରୀ ବଢ଼ିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଟାଉନ ହଲ ଠାରେ ପୁରୀ ଜିଲ୍ଲା ସ୍ତରୀୟ ସୁଭଦ୍ରା ର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା ।ଏଥରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ପୂର୍ବରୁ ନାରୀ ମାନଙ୍କର କେବଳ ଘରେ କାମ କରିବା ଦାୟିତ୍ୱ ବୋଲି ବିବେଚନା କରାଯାଉଥିଲା ।ତେବେ ନାରୀଟିଏ ଯେ ସବୁ କାମ କରିପାରେ, ତାଙ୍କ ପରିବାର,ରାଜ୍ୟ ଓ ଦେଶର ଆର୍ଥିକ ବିକାଶ ରେ ସହଭାଗୀ ହୋଇ ପାରେ ଏହା ସୁଭଦ୍ରା ର ଏକ ବଳିଷ୍ଠ ପରିଚୟ ଦେଇପାରିଛି ।ଆଜି ସୁଭଦ୍ରା ପ୍ରତ୍ୟେକ ନାରୀ ମାନଙ୍କୁ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନ ର ସୁଯୋଗ ଦେଇଛି ବୋଲି କହିଥିଲେ ।ଆମ ସମାଜ ମାତୃକୈନ୍ଦ୍ରିକ ସମାଜ ।ପୁରାଣ ର ପଞ୍ଚ କନ୍ୟା ଙ୍କ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ଯେଉଁ ସମାଜ ନାରୀଙ୍କୁ ଉପଯୁକ୍ତ ସମ୍ମାନ ଦେଇଥାଏ ସେ ସମାଜ ସେତେ ଶୃଙ୍ଖଳିତ ଓ ସୁଦୃଢ ହୋଇଥାଏ ।ଆମ ରାଜ୍ୟ ସମଗ୍ର ଭାରତ ବର୍ଷ ରେ ସର୍ବାଧିକ ୨୨ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି।୨୦୩୬ ମସିହା ଆମ ରାଜ୍ୟ କୁ ଏକଶତ ବର୍ଷ ପୂର୍ତ୍ତି ଓ ୨୦୪୭ ଆମ ସ୍ୱାଧୀନତା ର ୧୦୦ ବର୍ଷ ପୂର୍ତ୍ତି ହେବ ।ଏହି ଅବସରରେ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଓ ଦେଶ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନା ମହିଳା ମାନଙ୍କ ଆତ୍ମବିଶ୍ୱାସ ବଢାଇବା ସହ ପରିବାର ର ଆର୍ଥିକ ସ୍ଥିତି କୁ ମଜବୁତ କରିପାରିଛି ବୋଲି କହିବା ସହ ପ୍ରତ୍ୟେକ ହିତାଧିକାରୀ ଏହି ଅର୍ଥ ର ସଦୁପଯୋଗ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିବାକୁ ଆହ୍ୱାନ ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଉପ ଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟ କୁ ପାଞ୍ଚ ହଜାର ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା ।ପରେ ୫ ଜଣ ମହିଳା ଙ୍କୁ ପ୍ରତୀକାତ୍ମକ ଭାବେ ସୁଭଦ୍ରା ର ପଞ୍ଚମ କିସ୍ତି ର ଚେକ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ୩ ଜଣ ସଫଳ ସୁଭଦ୍ରା ହିତାଧିକାରୀ ତାଙ୍କ ସଫଳତାର କାହାଣୀ ର ବର୍ଣ୍ଣନା କରିଥିଲେ ।ରାକ୍ଷୀ ପୂର୍ଣ୍ଣିମା ଅବସରରେ ସମସ୍ତ ଅତିଥି ମାନଙ୍କ ହାତରେ ରାକ୍ଷୀ ବନ୍ଧନ କରାଯାଇଥିଲା ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସଭା କାର୍ଯ୍ୟ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ସୂଚନା ଯୋଗ୍ୟ ଯେ ପୁରୀ ଜିଲ୍ଲା ରେ ପ୍ରଥମ କିସ୍ତିରେ ୪୩୬୫୮୩, ଦ୍ୱିତୀୟ କିସ୍ତି ରେ ୪୨୫୫୫୯,ତୃତୀୟ କିସ୍ତି ରେ ୪୨୫୫୭୩ ଓ ଚତୁର୍ଥ କିସ୍ତି ରେ ୪୨୦୮୫୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।

### ରାକ୍ଷୀ ପୂର୍ଣ୍ଣିମାରେ ସରକାର ଦେଲେ ସୁଭଦ୍ରା ଯୋଜନାର ୫ମ କିସ୍ତି

# ଗଞ୍ଜାମର ୯ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଦିକାରୀଙ୍କ ଖାତାକୁ ଗଲା ୪୬୩ କୋଟି ୩୨ ଲକ୍ଷ ଟଙ୍କା



ଛତ୍ରପୁର, ୨୮।୮(ପ୍ରବାହ ନ୍ୟୁଜ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳା ସଶକ୍ତିକରଣର ଏକ ନୂଆ ଅଧ୍ୟାୟ ଯୋଡ଼ିଛି ସୁଭଦ୍ରା ଯୋଜନା। ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ଏଥିପାଇଁ ସରକାର ୫ ହଜାର ୧୬୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଛନ୍ତି।

ନୟାଗଡ଼ ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୫ମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ସୁଭଦ୍ରା ହିତାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାରେ ଆଜି ୫ମ କିସ୍ତିରେ ୯ ଲକ୍ଷ ୨୬ ହଜାର ୬୪୧ ଜଣ ହିତାଦିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରାୟ ୪୬୩ କୋଟି ୩୨ ଲକ୍ଷ ଟଙ୍କା ସିଧାସଳଖ ହସ୍ତାନ୍ତର କରାଯାଇଛି।

ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଭଉଣୀମାନେ ଛତ୍ରପୁର ବିଧାୟକ, ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଫୁଲ ଓ ଚନ୍ଦନ ଦେଇ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛତ୍ରପୁରର ବେବି ମହାରଣା ଓ ବୁଗୁଡ଼ାର କବିତା ମହାରଣାଙ୍କ ସହ ଆଲୋଚନା କରିଥିଲେ। ସୁଭଦ୍ରା ଯୋଜନାରୁ ସେମାନେ ପାଉଥିବା ସୁବିଧା, ଏହି ସହାୟତାର ପ୍ରଭାବ ଏବଂ ଏହା ମାଧ୍ୟମରେ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ରାକ୍ଷୀ ପୂର୍ଣ୍ଣିମାର ପବିତ୍ର ଅବସରରେ ଏହି ଅର୍ଥରାଶି ପାଇ ଜିଲ୍ଲାର ଲକ୍ଷ ଲକ୍ଷ ସୁଭଦ୍ରା ଭଉଣୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୁଭଦ୍ରା ଯୋଜନାର ପ୍ରଥମ ଚାରିଟି କିସ୍ତିରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳାଙ୍କୁ ମୋଟ ୨୦ ହଜାର ୬୪୮ କୋଟି ୬୩ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇସାରିଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟ ପାଖାପାଖି ୧୦ ଲକ୍ଷ ମହିଳା ଏହି ଯୋଜନାର ଲାଭ ପାଇ ଆସୁଛନ୍ତି ।

### ରାକ୍ଷୀ ବଦଳରେ ହାତରେ ସହାୟତା ବାକ୍ସ

# କିଡ୍‌ନୀ ରୋଗୀଙ୍କ ପାଇଁ ଦ୍ୱାରେ ଦ୍ୱାରେ ବୁଲୁଛନ୍ତି ଅନୁପମା ଡିମ୍ବଲ



ମାଲକାନଗିରି, ୨୮।୮(ପ୍ରବାହ ନ୍ୟୁଜ): ରକ୍ଷାବନ୍ଧନରେ ଭଉଣୀ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ସୁରକ୍ଷା ଓ ସ୍ନେହର ବନ୍ଧନକୁ ମଜବୁତ କରିଥାନ୍ତି। ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ନିକଟସ୍ଥ ଏମ୍ ?ଭି-୧୦୯ ଗ୍ରାମର ଅନୁପମା ଡିମ୍ବଲ ମଣ୍ଡଳ ରକ୍ଷାବନ୍ଧନକୁ ନିଆରା ଢଙ୍ଗରେ ପାଳନ କରି ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ନିଜେ ବାପା-ମାଆ ଛେଉଣ୍ଡ ଓ ଅଭାବ ମଧ୍ୟରେ ବଡ଼ ହୋଇଥିଲେ ମଧ୍ୟ ଅନ୍ୟର ଦୁଃଖକୁ ନିଜର ଦୁଃଖ ଭାବି ସେ ସହାୟତା ପାଇଁ ଆଗକୁ ଆସୁଛନ୍ତି। ରାକ୍ଷୀ ବଦଳରେ ହାତରେ ସହାୟତା ବାକ୍ସ ଧରି ଗୁରୁତର କିଡ୍‌ନୀ ରୋଗୀଙ୍କ ଚିକିତ୍ସା ପାଇଁ ଦୋକାନରୁ ଦୋକାନ ଓ ଘରରୁ ଘର ବୁଲୁଛନ୍ତି। କାଲିମେଳା ବ୍ଲକ ପୋଟେରୁ ଏମ୍‌ଭି-୫୪ର କିଡ୍‌ନୀ ରୋଗୀ ମନୋରଞ୍ଜନ ଦାସଙ୍କ ଚିକିତ୍ସା ପାଇଁ ସେ ସୋସିଆଲ ମିଡିଆ ସହ ଲୋକଙ୍କ ପାଖକୁ ଯାଇ ସହାୟତା ମାଗିଥିଲେ। ଲୋକଙ୍କ ସହଯୋଗରେ ପ୍ରାୟ ୬ ଲକ୍ଷ ଟଙ୍କା ସଂଗ୍ରହ ହୋଇଥିବା ଜଣାପଡ଼ିଛି। ରକ୍ତର ସମ୍ପର୍କ ନଥିଲେ ମଧ୍ୟ ଅସହାୟଙ୍କୁ ନିଜ ଭାଇ ଭାବେ ଗ୍ରହଣ କରି ତାଙ୍କ ଜୀବନ ବଞ୍ଚାଇବା ପାଇଁ ଅନୁପମାଙ୍କ ଏହି ପ୍ରୟାସ ରକ୍ଷାବନ୍ଧନର ପ୍ରକୃତ ଅର୍ଥକୁ ପ୍ରତିପାଦିତ କରିଛି।

# ଲାଞ୍ଚ ନେଇ ଧରା ପଡିଲେ



କେନ୍ଦୁଝର ,୨୮।୮(ପ୍ରବାହ ନ୍ୟୁଜ):କେନ୍ଦୁଝର ପାଟଣା ତହସିଲ ର ଜୁନିଅର ରେଭନିଉ ଆସିଷ୍ଟାଣ୍ଟ ବି ଏଚ ଉମାଶଙ୍କର ଜନୈକବ୍ୟକ୍ତି ଙ୍କୁ ଜମି ପଟ୍ଟା କରାଇ ଦେବା ପାଇଁ ୬୦୦୦ଟଙ୍କା ଦାବି କରି ଗ୍ରହଣ କରୁଥିବା ବେଳେ ଆଜି ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡିଛନ୍ତି, ଆବେଦନ କାରି ଜୁନ ମାସରୁ ଅନଲାଇନ ମାଧ୍ୟମରେ ପଟ୍ଟା ପାଇଁ ଆବେଦନ କରିଥିଲେ ମଧ୍ୟ ଫାଇଲ ଆଗକୁ ବଢୁ ନଥିବାରୁ ଆବେଦନକାରି ତହସିଲ ଅଫିସ ରେପହଂଚି ଅନୁସନ୍ଧାନ କରିବାରୁ ଉମାଶଙ୍କର ତାଙ୍କୁ ଲାଞ୍ଚ ଦାବି କରି ଥିଲେ ଫଳରେ ଆବେଦନ କରି ଭିଜିଲାନ୍ସ ର ଦ୍ୱାରସ୍ଥ ହୋଇଥିଲେ, ବାଲେଶ୍ୱର ଭିଜିଲାନ୍ସ କେଶ ନମ୍ବର ୧୭/୨୦୨୬ ଅଣ୍ଡର ସେକ୍ସନ ୭ପିସି (ଆମେଣ୍ଡମେଣ୍ଟ )ଆକ୍ଟ ୨୦୧୮ଅନୁଯାଇ କେଶ ରୁଜୁ କରାଯାଇ ଉମାଶଙ୍କର ଙ୍କ ଅଫିସ ଓ ଅନ୍ୟ ଏକ ସ୍ଥାନ ରେ ସର୍ଚ୍ଚ କରାଯାଉଛି ।

# ଚର୍ଚ୍ଚିକାଙ୍କ ପୀଠରେ ସ୍ଥାପିତ ଜଗନ୍ନାଥଙ୍କ ରଥ ରହଣିସ୍ଥଳୀ ଗୃହର ଶୁଭ ପ୍ରଦାନ

ବାଙ୍କୀ, ୨୮।୮(ପ୍ରବାହ ନ୍ୟୁଜ): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ସ୍ଥାପିତ ଜଗନ୍ନାଥଙ୍କ ରଥ ରହଣିସ୍ଥଳୀ ରଥ ଖଳାର ଗୃହର ଶୁଭ ପ୍ରଦାନ ଆଜି କରାଯାଇଛି । ରଥ କମିଟିର ଯୁଗୋଳ କିଶୋର ଭୂତ ପୁରଧା ଭାବରେ ଶୁଭ ପ୍ରଦାନ କରିଥିଲେ । ରଥଯାତ୍ରା ପରେ ଜଗନ୍ନାଥ, ବଳଭଦ୍ର, ମା'ଶୁଭଦ୍ରାଙ୍କ ୩ରଥ ସେଠାରେ ରହିବା ପାଇଁ ଏହି ଗୃହ ନିର୍ମାଣ କରାଯିବା ପାଇଁ ଶୁଭ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣା, ବିବେକାନନ୍ଦ ସାମଲ, ମୁରଲୀ ମୋହନ ମହାପାତ୍ର, ବିଜୟ କୁମାର ଦାସ, ଭାଗୀରଥି ବିଶ୍ୱାଳ, ପଠାଣୀ ବେହେରା, ଗୋଖା ବେହେରା, ପ୍ରଶାନ୍ତ କୁମାର ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ବଳଭଦ୍ର ପଣ୍ଡା, ମନ୍ମଥ ମିଶ୍ର, ପ୍ରଦୀପ କୁମାର ପୃଷ୍ଟି, କହ୍ନେଇ ବିଶ୍ୱାଳଙ୍କ ସମେତ ବହୁ ସଭ୍ୟ ଏଠାରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



ଚିକିଟି, ୨୮।୮(ପ୍ରବାହ ନ୍ୟୁଜ): ନୂଆପଡ଼ା ଗ୍ରାମ ପଞ୍ଚାୟତ ଅଫିସ୍ ଠାରେ 'ସନ୍ଧାନ ଏବଂ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସା ସମେତ ବିପର୍ଯ୍ୟୟ ବିପଦ ହ୍ରାସ' ତାଲିମ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି। ନୂଆପଡ଼ା ସରପଞ୍ଚ ବି.ସନ୍ମୁଖ ରାଓ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। କାର୍ଯ୍ୟକ୍ରମ ରେ ବନ୍ୟା, ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ର ବିଭାଗ ର ଅଶୋକ ରାଉଳ, ଆନନ୍ଦ ଗୋପାଳ ବେହେରା, ଶର୍ମିଷ୍ଠା ସେଠି ଉପସ୍ଥିତ ରହି ୩୦ ଜଣ ଙ୍କୁ ତାଲିମ ପ୍ରଦାନ କରିବା ପାଇଁ ୭ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇ ଅଛି।

# ସୁଭଦ୍ରା ଯୋଜନାରେ କେନ୍ଦୁଝରର ରେଣୁକା ଓ ଜୟନ୍ତୀ ସ୍ୱାବଲମ୍ବନର ନୂଆ ପ୍ରତୀକ



କେନ୍ଦୁଝର,,୨୮।୮(ପ୍ରବାହ ନ୍ୟୁଜ): ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ କେନ୍ଦୁଝର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।, ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ୪ ଲକ୍ଷ ୫୦ ହଜାରକୁ ମିଶାଇ ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୫ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ମନ୍ତ୍ରୀ ନିଜ ବକ୍ତବ୍ୟରେ ସେ ପ୍ରକାଶ କରିଥିଲେ ଯେ, ସରକାର ପ୍ରଦାନ କରୁଥିବା ଏହି ସହାୟତା ମା'ମାନଙ୍କ ପାଇଁ କେବଳ ଏକ ସାଧାରଣ ଅର୍ଥରାଶି ନୁହେଁ, ବରଂ ଏହା ସେମାନଙ୍କ ଆତ୍ମନିର୍ଭରଶୀଳତା, ସ୍ୱାବଲମ୍ବନ ଓ ସ୍ୱାଭିମାନର ଶ୍ରେଷ୍ଠ ପ୍ରତୀକ। ସୁଭଦ୍ରା ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି "ରାଜ୍ୟର ମା' ଓ ଭଉଣୀମାନଙ୍କୁ ଆର୍ଥିକ ଭାବେ ସକ୍ଷମ କରି ସେମାନଙ୍କୁ ସମାଜରେ ଆତ୍ମସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା। ଏହି ଆର୍ଥିକ ସହାୟତା ମାଧ୍ୟମରେ ମହିଳାମାନେ ନିଜ ପରିବାରର ଆବଶ୍ୟକତା ପୂରଣ କରିବା ସହ ସମାଜର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇପାରିବେ। ଏହି ପର୍ଯ୍ୟାୟରେ ଜିଲ୍ଲାର ପ୍ରାୟ ୪ ଲକ୍ଷ ୫୦ ହଜାର ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ୫,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ସମଗ୍ର ରାଜ୍ୟରେ ଏହି ଯୁଗାନ୍ତକାରୀ ଯୋଜନା ପାଇଁ ରାଜ୍ୟ ସରକାର ମୋଟ ୫୦,୦୦୦ କୋଟି ଟଙ୍କା ବିନିଯୋଗ କରିବାର ବୃହତ୍ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ମା'-ଭଉଣୀ ଓ 'ସୁଭଦ୍ରା' ହିତାଧିକାରୀଙ୍କୁ ପବିତ୍ର ରକ୍ଷାବନ୍ଧନର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଉଦ୍ ?ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ମା' ଭଉଣୀମାନଙ୍କୁ କେବଳ ଶୁଭେଚ୍ଛାରେ ସୀମିତ ନରଖି ପ୍ରକୃତ ସ୍ୱାଧୀନତା ଓ ଆତ୍ମନିର୍ଭରଶୀଳତାର ଉପହାର ଦେଉଛନ୍ତି। କେନ୍ଦୁଝର ଜିଲ୍ଲାର ଦୁଇଜଣ ସଫଳ 'ସୁଭଦ୍ରା' ହିତାଧିକାରୀ ଆଭାସୀ ମାଧ୍ୟମରେ ସିଧାସଳଖେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଯୋଡ଼ି ହୋଇ ନିଜର ଆତ୍ମବିଶ୍ୱାସୀ ସଫଳତା କାହାଣୀ ବାଣ୍ଟିଥିଲେ - ଝୁମ୍ପୁରାର ରେଣୁକା ବାରିକ ଛତୁ ଚାଷ ତାଲିମ ନେବା ପରେ 'ସୁଭଦ୍ରା' ଯୋଜନାରୁ ପାଇଥିବା ୪ଟି କିସ୍ତିର ୨୦,୦୦୦ ଟଙ୍କାକୁ ସେ ଛତୁ ଚାଷର ଉପକରଣ ଓ ଭିତ୍ତିଭୂମିରେ ବିନିଯୋଗ କରିଛନ୍ତି। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ମମିତା ନାଏକ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ,ସମାଜ କଲ୍ୟାଣ ଅଧିକାରୀ ଭାନୁମତୀ ବେହେରା,ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବ୍ଲକ, ପଂଚାୟତରୁ ସ୍ୱୟଂ ସହାୟକ ଗୋଷ୍ଠୀ, ସୁଭଦ୍ରା ହିତାଧିକାରୀ ଅଂଶ ଗ୍ରହଣ କରିଥିଲେ।



For News , Advertisement & Circulation
Contact: 9938340066
Email id: prabaha2008@gmail.com
prabaha.daily@gmail.com

PRABAHA

29August, ୨୦୨୬



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ**
**ତୟୋସ୍ତୁକର୍ମସନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ**
**ଜ୍ଞେୟଃ ସ ମିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି**
**ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।


# ଅନନ୍ତ ଯାତ୍ରାରେ କିମ୍ବଦନ୍ତୀର ଅମୃତ ସନ୍ତକ 'ଆତ୍ମନ୍'

**ବାଦଲ ଭୂୟାଁ**

ଏମିତିରାତି ସେ ଯେ ଅଭୁଲା ସ୍ମୃତି... ମାଝୀରେ ସେ ତ ଶ୍ରାବଣ ପୁରୁବା ପବନ...ରେ ଆତ୍ମନ ନିଦ୍ରା ପରିହରି ...... ଏହି ଜୀବନଟା ଏକ ନାଟକ। ସବୁଦିନ ପାଇଁ ଏଇ ଜୀବନ ନାଟକରେ ଯବନିକା ଟାଣି ଶ୍ରାବଣକୁ ସାକ୍ଷୀ କରି ସେଇ ଶେଷ ଶ୍ରାବଣରେ ମାଝୀ ଚାଲିଗଲେ ଅଫେରା ନାଆରେ। ସୀମାହୀନ ଦରିଆ, ସାଥୀହୀନ ଦୁନିଆକୁ....... ଯେଉଁଠି ଶୁଭୁଛୁ.......ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଉଆଁସ ରାତି ପାହିଲା ମାଝୀ... ଯାରେ ମାଝୀ ଯା ତୁ ନୌକା ବାହି ଯା....। ଶେଷ ହୋଇନଥିଲା ଶ୍ରାବଣ, ଥମି ବି ନଥିଲା ପୂବେଇ ପବନ ସଂଗୀତ ନାମକ ସାଗରରେ ନିଜ ଡ଼ଙ୍ଗା ସଜିଲ କରି ସରଗମ୍ ଲହରେଇ ପୁଣି ଲହରେଇ ଆମକୁ କିମିଆ କରିଥିବା ସେ ମାଝୀ କିନ୍ତୁ ଫେରାର। କାତ ଥାଇ ବା କ'ଣ ଲାଭ ଯେଉଁ ମାଝୀ ଦିନେ ଅକାତ କାତ ଦରିଆକୁ ଆଦରି ନେଇଛନ୍ତି ଯେଉଁଠି କେହି ବି ଆଉ ଫେରିପାରନ୍ତି ନାହିଁ। ତାଙ୍କ ସଂଗୀତରେ ଭରି ରହିଥିଲା ଜୀବନ ବଞ୍ଚିବାର କିମିଆ କରୁଥିଲା, ଗମ୍ଭୀର କରୁଥିଲା ଆତ୍ମାର ସ୍ୱର ପରି । ସେ ଥିଲେ ବାସ୍ତବରେ ପ୍ରଣବ ହିଁ ପ୍ରଣମ।

ପ୍ରଣବ ବାବୁଙ୍କ ବ୍ୟକ୍ତିଗତ ଜୀବନ ଓ ପ୍ରେମ କାହାଣୀ ସର୍ବଦା ବହୁତ ସରଳ ଏବଂ ଗୋପନୀୟ ରହିଥିଲା। ସେ କୌଣସି ବିବାଦୀୟ କିମ୍ବା ଚର୍ଚ୍ଚାରେ ନରହି ନିଜର ସଙ୍ଗୀତ ସାଧନାକୁ ହିଁ ପ୍ରଥମ ପ୍ରାଥମିକତା ଦେଇଥିଲେ। ତାଙ୍କ ପତ୍ନୀ କସ୍ତୁରିକା ପଟ୍ଟନାୟକ ଜଣେ ଜଣାଶୁଣା ସମାଜସେବୀ। ଯିଏ ପରିବାର ଏବଂ ସମାଜ ସେବାରେ ସର୍ବଦା ଆଗୁଆ ରହି ଆସିଛନ୍ତି। ଆଜି ମିଳନ ଇନ୍ଦ୍ରଧନୁରୁ ସପ୍ତରଙ୍ଗ। କାନ୍ଦୁଛନ୍ତି ସାତସୁର। ପଡ଼ିଗଲା ଶେଷ ଅଙ୍କର ଯବନିକା। ଚାଲିଗଲେ ସ୍ୱରର ଯାଦୁଗର। ନିରବିଗଲା ଓଡ଼ିଆ ସଙ୍ଗୀତର ଆଉ ଏକ ସୁମଧୁର ସ୍ୱର। ଚିରନିଦ୍ରାରେ କାଳଜୟୀ ଗୀତର ଗୁରୁ ଗମ୍ଭୀର କଣ୍ଠସ୍ୱର। ପରଲୋକରେ ପ୍ରବୀଣ ଓଡ଼ିଆ ପ୍ରଚ୍ଛଦପଟ୍ଟ ଗାୟକ ତଥା ସ୍ୱର କିମ୍ବଦନ୍ତୀର ଶେଷ ସନ୍ତକ ପ୍ରଣବ କିଶୋର ପଟ୍ଟନାୟକ।

ଏକଦା ଏକ ଟିଭି ଚ୍ୟାନେଲକୁ ସାକ୍ଷାତ ଦେବା ସମୟରେ କିଛି ଅଜଣା ତଥ୍ୟ ପ୍ରକାଶ ପାଇଥିଲା ପ୍ରଣବ ପଟ୍ଟନାୟକଙ୍କ ସମ୍ପର୍କରେ। ୧୯୬୬ରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓଡ଼ିଆ ସିନେମା 'କା'ରେ ଗୀତିକାର ଦେବଦାସ ଛୋଟରାୟଙ୍କ 'ତୁମେ ଜାଣନା ଜାଣନା' ଗୀତ, ଯାହାକୁ ନିର୍ମଳା ମିଶ୍ର ଓ ପ୍ରଣବ କିଶୋର ପଟ୍ଟନାୟକ ଗାଇଥିଲେ। ତା ବିଷୟରେ ଶ୍ରୀ ପଟ୍ଟନାୟକ ଯାହା କହିଥିଲେ, ଗୌରଦା'ଙ୍କ ଘରେ ରିହରସଲ୍ ହେଉଥିଲା। ଭୁବନେଶ୍ୱର ସାର ସ୍ୱର କରିଥିଲେ। ଚପାଦେଇ, ଗୌରଦା, ସାରଦା ଭାଇ, ଅକ୍ଷୟ ଏକାଠି ହେଉଥିଲୁ। 'ତୁମେ ଜାଣନା ଜାଣନା' ଗୀତଟି ମତେ ଶିଖାଇ ସାର କହିଥିଲେ ଯେ, ଏହା ଡୁଏଟ୍, ତୁମେ ଓ ସନ୍ଧ୍ୟା ମୁଖାର୍ଜୀ ନ ହେଲେ ନିର୍ମଳା ମିଶ୍ର ଗାଇବ। ସ୍ୱରଟି ରବୀନ୍ଦ୍ର ସଙ୍ଗୀତ ଆଧାରିତ ଥିଲା। ମୁଁ ପୁରା ଶିଖିନେଲି। ଯେତେବେଳେ କୋଲକାତା ଟେକ୍ନିସିଆନ୍ ଷ୍ଟୁଡ଼ିଓରେ ରେକର୍ଡ଼ିଂ ହେବା ଠିକ ହେଲା। ମୁଁ ଜାଣିନି ଯେ ନିର୍ମଳା ମୋ ସହ ଗାଇବେ। ସେ ମତେ ପେନୁ ଦା' ଡାକନ୍ତି। ଓଡ଼ିଆରେ ଅନେକ ଗୀତ ଗାଇ ସାରିଥାନ୍ତି ସେତେବେଳକୁ। ରେକର୍ଡ଼ିଂ ଆଗ ଦିନ ରିହରସଲ କଲୁ। ମୁଁ ପ୍ରଥମେ ନିର୍ମଳାଙ୍କୁ ଗୀତଟି ବୁଝାଇଦେଲି। ଭୁବନେଶ୍ୱର ସାର ତ ବେହେଲାରେ ସୁର କରନ୍ତି, ସେ ତାନ ଧରିଲେ। ମୁଁ ଆରମ୍ଭ କଲି 'ତୁମେ ଜାଣନା ଜାଣନା' ବାସ ! ଏତିକି ଗାଇବା ପରେ ନିର୍ମଳା ସଙ୍ଗେ ସଙ୍ଗେ ଧରିଲେ, 'ମୁଁ ଜାଣେନା'। ସ୍କ୍ରିପ୍ଟରେ ତ ଏହା ନଥିଲା। ମୁଁ ପ୍ରଥମ ଲାଇନ ଗାଇବା ପରେ ସେ ଗାଇବା କଥା। ମୁଁ ରହିଗଲି, ଆଶ୍ଚର୍ଯ୍ୟ ବି ହେଲି। ସାର ବି ଚୁପ୍। ତା ପରେ ସାର୍ କହିଲେ, 'ଭଲ ଲାଗୁଛି, ଯଦିଓ ନାୟକ ପୁରା ଲାଇନ ଗାଇବା ପରେ ନାୟିକା ଗାଇବା କଥା, ତେବେ ବି ଏହି ଷ୍ଟାଇଲ ଭଲ ଲାଗିବ। ଗୋଟେ କାମ କରିବା, ମଝି ମଝିରେ ଏମିତି କରିବା ନାୟକ ଗାଇବ 'ତୁମେ ଜାଣନା ଜାଣନା' ବା 'ତୁମ ଆଖିରେ ଆଖିରେ' ଆଉ ନାୟିକା ସେଠୁ ଧରିବ 'ମୁଁ ଜାଣେନା' ବା 'ମୋ ଆଖିରେ'। ଚପାଦେଇ ଓ ଗୌରଦା ସେଠି ଥିଲେ। ସେମାନେ ସମର୍ଥନ କଲେ। ତାହା ହିଁ ହେଲା। ମୋର ମନେ ହୁଏ, 'ମୁଁ ଜାଣେନା' ବା 'ମୋ ଆଖିରେ'ଲତକ ପାଇଁ ଗୀତ ବେଶି ଲୋକପ୍ରିୟ ହୋଇଥିଲା ବୋଲି ପ୍ରଣବ କିଶୋର ପଟ୍ଟନାୟକ କହିଥିଲେ।



ପ୍ରଣବଙ୍କ କାଳଜୟୀ ଗୀତ ଗୁଡ଼ିକ ହେଲା 'ଏଇ ଜୀବନଟା ଏକ ନାଟକ', 'ବେଦନା ସାଗର ତୀରେ', 'ନୟନେ ସୁନୟନା', 'ତୁ କି ପରଦେଶୀ ନିଜ ଦେଶେ', 'ତୁମେ ଜାଣନା ଜଣନା', 'ରେ ଆତ୍ମନ', 'ଅନ୍ତରେ କାନ୍ଦେ ବାହାରେ ହସେ ମୁଁ', 'ମନ ରସିଆରେ', 'ସୀମାହୀନ ଦରିଆ', 'ଉର୍ମି ଅଧୀରା ରୂପସୀ ଚିଲିକା', 'ଏମିତି ରାତି ସେ ଯେ ଅଭୁଲା ସ୍ମୃତି', 'ଇନ୍ଦ୍ରଧନୁର ସପ୍ତରଙ୍ଗ'। ସବୁଠୁ ସ୍ମୃତିପୂର୍ଣ୍ଣ କଥାଟି ହେଉଛି ପ୍ରଣବଙ୍କ ଜନ୍ମ ୧୯୩୮ ଜାନୁଆରୀ ୨୦ ରେ କଟକର ବକ୍ସିବଜାର ଅଞ୍ଚଳରେ ହୋଇଥିଲା। ବକ୍ସି ବଜାର ସେତେବେଳେ କଟକର ସାଂସ୍କୃତିକ, ସାହିତ୍ୟିକ ଓ ସଙ୍ଗୀତ ଚର୍ଚ୍ଚାର ଅନ୍ୟତମ ପ୍ରାଣକେନ୍ଦ୍ର ଥିଲା। ଏହି ଅଞ୍ଚଳରେ ନାଟକ, ଭଜନ, ପାଲା, ସଙ୍ଗୀତ ଆସର ଓ ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମର ପରମ୍ପରା ତାଙ୍କ ଶୈଶବକୁ ପ୍ରଭାବିତ କରିଥିଲା। ତାଙ୍କ ପିତା ଲାଲମୋହନ ପଟ୍ଟନାୟକ, ଯିଏ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ, ସଂସ୍କୃତି ଓ ଶିକ୍ଷା ପ୍ରତି ଆଗ୍ରହୀ ଥିଲେ। ଏପରି ଏକ ସଂସ୍କୃତସଂପନ୍ନ ପରିବାର ଓ ବକ୍ସିବଜାରର ସାଂସ୍କୃତି ପରିବେଶ ପ୍ରଣବଙ୍କ ସଙ୍ଗୀତ ପ୍ରତିଭାକୁ ଅଳ୍ପ ବୟସରୁ ହିଁ ବିକଶିତ କରିଥିଲା। ଏହି ବକ୍ସିବଜାରର ଗଳିରୁ ଆରମ୍ଭ ହୋଇଥିବା ତାଙ୍କର ସଙ୍ଗୀତ ଯାତ୍ରା ପରେ ଆକାଶବାଣୀ କଟକ, ଓଲିଉଡ ଏବଂ ସମଗ୍ର ଓଡ଼ିଶାର ସଙ୍ଗୀତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଥିଲା। ଆଜି ତାଙ୍କ ଅବର୍ତ୍ତମାନରେ ପ୍ରଣବଙ୍କ ପାର୍ଥିବ ଶରୀର କଟକ ଖାନନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଗାର୍ଡ଼ ଅଫ ଅନର୍ ଦେଇ ପ୍ରଶାସନ ତରଫରୁ ଦିଂବଗତ କଣ୍ଠଶିଳ୍ପୀଙ୍କୁ ବିଦାୟ ଦିଆଯାଇଛି। ଖାନନଗରରେ ଜଳିଛି ପ୍ରଣବଙ୍କ ଚିତା। ମାତ୍ର ପାଞ୍ଚ ବର୍ଷ ବୟସରୁ ତାଙ୍କ ପ୍ରତିଭାର ବାସ୍ନା ସୁରଭିତ ହୋଇଥିଲା। ନାଟ୍ୟକାର ସୁରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆଖିରେ ପ୍ରବଳ ନିଦ ଥାଇ ବି ସେ ନିଦୁଆ ଆଖି ଓ ଅଳସ କଣ୍ଠରେ ଗାଇ ଥିଲେ ଏକ ଆବେଗପୂର୍ଣ୍ଣ ଭଜନ - 'ଭଗବାନ ତୁମେ ଭକତ ବାନ୍ଧବ'।

**ଜାମସେଦପୁର**
**ମୋ: ୭୪୮୮୯୯୮୫୩୨**

# ଖାଉଟୀଙ୍କ ଆଖିରୁ ଲୁହ ଗଡାଉଛି ପିଆଜ ଓ ଚିନି ଦର

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ପିଆଜର ଦର ବଢ଼ିଲେ ଆଖିରୁ ଲୁହ ଆସେ, କିନ୍ତୁ ଆଜି ସେହି ଲୁହ କେବଳ ପିଆଜର ନୁହେଁ, ଏହା ଗରିବ ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ଯନ୍ତ୍ରଣାର ଲୁହ। ଚିନିର ଦର ବଢ଼ିଲେ ଚା'ରେ ଚିନି କମିଯାଏ, ମିଠାରେ ମିଠାସ କମିଯାଏ, କିନ୍ତୁ ଘରର ମାସିକ ଖର୍ଚ୍ଚ କମେ ନାହିଁ। ଏହା ହେଉଛି ଆଜିର ସାଧାରଣ ମଣିଷର ବାସ୍ତବତା। ଦରମା ସୀମିତ, ରୋଜଗାର ଅନିଶ୍ଚିତ, ଚାଷୀଙ୍କ ଆୟ ଅସ୍ଥିର, କିନ୍ତୁ ଦୈନନ୍ଦିନ ଜୀବନର ଖର୍ଚ୍ଚ ଦିନକୁ ଦିନ ବଢୁଛି। ସରକାର କହୁଛନ୍ତି ଦେଶରେ ପିଆଜ ଉତ୍ପାଦନ ପର୍ଯ୍ୟାପ୍ତ, ବଫର ମହଜୁଦ ରହିଛି ଏବଂ ଦର ନିୟନ୍ତ୍ରଣ ପାଇଁ ମହଜୁଦ ପିଆଜ ବଜାରକୁ ଛଡ଼ାଯାଉଛି।

ଏହା ଭଲ ପଦକ୍ଷେପ। କିନ୍ତୁ ଜନତାର ପ୍ରଶ୍ନ ହେଉଛି ଯଦି ପିଆଜ ଯଥେଷ୍ଟ ଅଛି, ତେବେ ବଜାରରେ ଦର ବଢୁଛି କାହିଁକି ? ଯଦି ମହଜୁଦ ଅଛି, ତେବେ ସାଧାରଣ ଲୋକଙ୍କ ରୋଷେଇଘରରେ ତାହାର ରାହତ କାହିଁକି ଅନୁଭବ ହେଉନାହିଁ ? ଯଦି ଉତ୍ପାଦନ ଅଧିକ, ତେବେ ଉତ୍ପାଦକ ଚାଷୀ ଓ ଉପଭୋକ୍ତା ଉଭୟ କାହିଁକି ଚାପରେ ? ଏହି ପ୍ରଶ୍ନର ଉତ୍ତର ଦେବା ସରକାରଙ୍କ ଦାୟିତ୍ୱ। କେବଳ ଘୋଷଣା କରିଦେଲେ ମହଙ୍ଗାଇ ନିୟନ୍ତ୍ରଣ ହୁଏ ନାହିଁ। ମହଙ୍ଗାଇର ପ୍ରକୃତ ଚିତ୍ର ବୁଝିବାକୁ ହେଲେ ଗାଁର ଚାଷୀଠାରୁ ସହରର ଗରିବ ପରିବାର ପର୍ଯ୍ୟନ୍ତ ଯିବାକୁ ପଡ଼ିବ। ଆଜି ସବୁଠାରୁ ବଡ଼ ଲଜ୍ଜାର ପ୍ରଶ୍ନ ହେଉଛି ପିଆଜ ପାଇଁ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ଓ ବୈଜ୍ଞାନିକ ସଂରକ୍ଷଣ ବ୍ୟବସ୍ଥା କେଉଁଠି ? ଚାଷୀ ଫସଲ ଉତ୍ପାଦନ କରିବେ, କିନ୍ତୁ ଉତ୍ପାଦନ ପରେ ଯଦି ସଂରକ୍ଷଣର ଅଭାବରେ ପିଆଜ ନଷ୍ଟ ହେବ, ତେବେ ଏହାର ଦାୟିତ୍ୱ କାହାର ? ଭାରତରେ ପିଆଜ ସଂରକ୍ଷଣ ସମୟରେ ବହୁତ ପରିମାଣରେ କ୍ଷତି ହେବା ଏକ ପୁରୁଣା ସମସ୍ୟା। ବୈଜ୍ଞାନିକ ସଂରକ୍ଷଣ ପଦ୍ଧତି ଦ୍ୱାରା ଏହି କ୍ଷତି ଅନେକ ହ୍ରାସ କରାଯାଇପାରେ। ତେବେ ପ୍ରଶ୍ନ ହେଉଛି ଗବେଷଣା ଅଛି, ପ୍ରଯୁକ୍ତି ଅଛି, ଆବଶ୍ୟକତା ଅଛି, ତେବେ ଚାଷୀଙ୍କ ଗାଁ ପାଖରେ ପର୍ଯ୍ୟାପ୍ତ ବୈଜ୍ଞାନିକ ଭଣ୍ଡାର କାହିଁକି ନାହିଁ ? ପ୍ରତିବର୍ଷ ଫସଲ ଅମଳ ସମୟରେ ଚାଷୀ ଯଦି ଅତ୍ୟନ୍ତ କମ୍ ଦାମରେ ପିଆଜ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି ଏବଂ କିଛି ମାସ ପରେ ସେହି ପିଆଜ ଲୋକେ ଅଧିକ ଦାମରେ କିଣନ୍ତି, ତେବେ ଏହି ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଅଛି। ଚାଷୀଙ୍କ ହାତରେ ଦର କମ୍, ଉପଭୋକ୍ତାଙ୍କ ହାତରେ ଦର ଅଧିକ ତାହାହେଲେ ମଝିରେ ଥିବା ବ୍ୟବସ୍ଥା କାହା ପାଇଁ କାମ କରୁଛି ? ଏହି ପ୍ରଶ୍ନର ଉତ୍ତର ଜନତା ଚାହୁଁଛନ୍ତି। କେବଳ ବଡ଼ ବଡ଼ ଭଣ୍ଡାର ନୁହେଁ, ଗାଁ ଓ ଚାଷୀ ନିକଟରେ ଛୋଟ ଓ ମଧ୍ୟମ ବୈଜ୍ଞାନିକ ସଂରକ୍ଷଣ କେନ୍ଦ୍ର ତିଆରି କରିବା ଆବଶ୍ୟକ। ଚାଷୀ ନିଜ ଫସଲକୁ କିଛି ମାସ ସୁରକ୍ଷିତ ରଖିପାରିଲେ ତୁରନ୍ତ ବିକ୍ରି କରିବାର ବାଧ୍ୟତା କମିବ। ଫସଲ ନଷ୍ଟ ହେବ ନାହିଁ, ଚାଷୀଙ୍କ ଆୟର ସୁଯୋଗ ବଢ଼ିବ ଏବଂ ବଜାରରେ ହଠାତ୍ ଅଭାବ ମଧ୍ୟ କମିପାରିବ। ଏହା ସହିତ ଚିନିର ଦରକୁ ମଧ୍ୟ ଗୁରୁତ୍ୱର ସହ ଦେଖିବା ଦରକାର।

ଚିନି ଗରିବ ଓ ମଧ୍ୟବିତ୍ତ ପରିବାରର ଦୈନନ୍ଦିନ ଆବଶ୍ୟକତାର ଏକ ଅଂଶ। ଚିନିର ଦର ବଢ଼ିଲେ ଘରୋଇ ଖର୍ଚ୍ଚ ସହିତ ଚା' ଦୋକାନ, ମିଠା ଦୋକାନ ଓ ଛୋଟ ଖାଦ୍ୟ ବ୍ୟବସାୟ ମଧ୍ୟ ପ୍ରଭାବିତ ହୁଏ। ବ୍ୟବସାୟୀଙ୍କ ଖର୍ଚ୍ଚ ବଢ଼ିଲେ ତାହାର ପ୍ରଭାବ ଶେଷରେ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିଥାଏ। ତେଣୁ ପିଆଜ ଓ ଚିନିର ଦରକୁ ଅଲଗା ଅଲଗା ଭାବରେ ଦେଖିଲେ ହେବ ନାହିଁ। ଏହା ଖାଦ୍ୟ ଖର୍ଚ୍ଚ ଓ ପରିବାରର କ୍ରୟକ୍ଷମତା ସହିତ ସିଧାସଳଖ ଜଡ଼ିତ। ଆଜି ମଧ୍ୟବିତ୍ତ ପରିବାରର ଅବସ୍ଥା ଅତ୍ୟନ୍ତ କଷ୍ଟକର। ଘରଭଡ଼ା, ପିଲାଙ୍କ ପାଠପଢ଼ା, ଔଷଧ, ବିଦ୍ୟୁତ ବିଲ୍, ଯାତାୟାତ, ଘର ଋଣ, ଦୈନନ୍ଦିନ ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶି ମାସିକ ଆୟର ବଡ଼ ଅଂଶ ଶେଷ ହୋଇଯାଉଛି। ତା'ପରେ ପିଆଜ, ଚିନି ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷର ଦର ବଢ଼ିଲେ ପରିବାରର ମାସିକ ହିସାବ ଭାଙ୍ଗିଯାଏ। ଗରିବ ପରିବାରର ଅବସ୍ଥା ତା'ଠାରୁ ଅଧିକ ଦୟନୀୟ। ଯେଉଁ ପରିବାର ଦିନକୁ ଦିନ ଆୟ କରି ଦିନକୁ ଦିନ ଖର୍ଚ୍ଚ କରନ୍ତି, ସେମାନଙ୍କ ପାଇଁ ଏକ କିଲୋ ପିଆଜର ଦର ବଢ଼ିବା ମଧ୍ୟ ବଡ଼ ଆଘାତ।

ଆମେ ଯେତେବେଳେ ମହଙ୍ଗାଇର ଆଙ୍କଡ଼ା ନେଇ ଆଲୋଚନା କରୁଛୁ, ସେତେବେଳେ ଭୁଲିଯାଉଛୁ ଯେ ଆଙ୍କଡ଼ା ପଛରେ ଲକ୍ଷ ଲକ୍ଷ ପରିବାରର ଜୀବନ ରହିଛି। ବର୍ତ୍ତମାନ ବର୍ଷା ଓ ବନ୍ୟାର ସମୟ। ଏହି ସମୟରେ ଆଉ ଏକ ବଡ଼ ଆଶଙ୍କା ଦେଖାଦେଉଛି। ଭାରୀ ବର୍ଷା, ବନ୍ୟା, ରାସ୍ତା ଓ ଯୋଗାଯୋଗ ବ୍ୟାହତ ହେଲେ ଚାଷ ଉତ୍ପାଦ ବଜାରକୁ ପହଞ୍ଚିବାରେ ବିଳମ୍ବ ହୋଇପାରେ। ଯେଉଁଠାରେ ଫସଲ ଅଛି, ସେଠାରୁ ଯେଉଁଠାରେ ଚାହିଦା ଅଛି ସେଠାକୁ ଶୀଘ୍ର ପହଞ୍ଚାଇବା ପାଇଁ ଦୃଢ଼ ବ୍ୟବସ୍ଥା ଦରକାର। ବନ୍ୟା ସମୟରେ ଯଦି ରାସ୍ତା ବନ୍ଦ ହୁଏ, ପରିବହନ ବ୍ୟାହତ ହୁଏ ଏବଂ ନଷ୍ଟ ହେବାଯୋଗ୍ୟ ଖାଦ୍ୟ ସମୟରେ ବଜାରକୁ ନ ପହଞ୍ଚେ, ତେବେ ଅଭାବର ଭୟରେ ଦର ବଢ଼ିପାରେ। ସେଥିପାଇଁ ବର୍ଷା ଓ ବନ୍ୟା ପୂର୍ବରୁ ଖାଦ୍ୟ ମହଜୁଦ, ସଂରକ୍ଷଣ, ପରିବହନ ଓ ବଜାର ନିରୀକ୍ଷଣର ସ୍ପଷ୍ଟ ଯୋଜନା ରହିବା ଦରକାର। ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ସମଗ୍ର ବଜାର ବ୍ୟବସ୍ଥାର ଦାୟିତ୍ୱ। ବନ୍ୟା ସମୟରେ ଯଦି ଜଣେ ବ୍ୟବସାୟୀ ଅଭାବର ସୁଯୋଗ ନେଇ ମଜୁତ କରନ୍ତି କିମ୍ବା ଅତ୍ୟଧିକ ଦର ନେନ୍ତି, ତେବେ ତାଙ୍କ ବିରୋଧରେ ତୁରନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଜନତା ମହଙ୍ଗାଇର ଭାର ବୋହିବେ ଏବଂ କେହି ଅସାଧୁ ଭାବରେ ଲାଭ କରିବେ ଏହା କୌଣସି ନ୍ୟାୟସଙ୍ଗତ ବ୍ୟବସ୍ଥା ନୁହେଁ।

ସରକାରଙ୍କୁ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ କେବଳ ବଫର ମହଜୁଦ ରଖିବା ଯଥେଷ୍ଟ ନୁହେଁ। ମହଜୁଦ କେଉଁଠି ରହିଛି, କିପରି ସଂରକ୍ଷିତ ହେଉଛି, କେତେ ନଷ୍ଟ ହେଉଛି, କେବେ ବଜାରକୁ ଆସୁଛି ଏବଂ ସାଧାରଣ ଲୋକ କେତେ ଦରରେ ପାଉଛନ୍ତି ଏସବୁ ବିଷୟରେ ସ୍ୱଚ୍ଛତା ଆବଶ୍ୟକ। ଚାଷୀଙ୍କ ଘାମରେ ଉତ୍ପାଦିତ ପିଆଜ ନଷ୍ଟ ହେବ ଏବଂ ଲୋକେ ଅଧିକ ଦାମରେ କିଣିବେ ଏହି ବିରୋଧାଭାସ ଆଉ କେତେଦିନ ? ଚାଷୀଙ୍କୁ ଉତ୍ପାଦନ ପାଇଁ ସହାୟତା, ଭଲ ବିହନ, ଜଳସେଚନ, ବୈଜ୍ଞାନିକ ସଂରକ୍ଷଣ, ଯଥାର୍ଥ ବଜାର ଓ ନ୍ୟାୟସଙ୍ଗତ ଦାମ ଦରକାର। ଉପଭୋକ୍ତାଙ୍କୁ ଦରକାର ସୁଲଭ ମୂଲ୍ୟ। ଏହି ଦୁଇଟି ଆବଶ୍ୟକତାକୁ ଏକାସାଙ୍ଗେ ପୂରଣ କରିବା ହିଁ ସରକାରଙ୍କ ପ୍ରକୃତ ପରୀକ୍ଷା। ଜନତା ଦୟା ମାଗୁନାହାନ୍ତି; ନିଜ ଶ୍ରମର ଟଙ୍କାରେ ସମ୍ମାନର ସହିତ ଖାଇବାର ଅଧିକାର ମାଗୁଛନ୍ତି। ଚାଷୀ ମଧ୍ୟ ଦାନ ମାଗୁନାହାନ୍ତି; ନିଜ ଉତ୍ପାଦର ଯଥାର୍ଥ ମୂଲ୍ୟ ମାଗୁଛନ୍ତି। ତେଣୁ ନୀତିର କେନ୍ଦ୍ରରେ ରହିବା ଦରକାର ଉଭୟ—ଚାଷୀ ଓ ଉପଭୋକ୍ତା। ଏବେ ସମୟ ଆସିଛି ପ୍ରତିବର୍ଷ ଦର ବଢ଼ିଲା ପରେ ଆପାତକାଳୀନ ପଦକ୍ଷେପ ନେବା ପରିବର୍ତ୍ତେ ବର୍ଷସାରା ସଂରକ୍ଷଣ ଓ ଯୋଗାଣ ବ୍ୟବସ୍ଥାକୁ ମଜବୁତ କରିବାର। ଗାଁ ଗାଁରେ ବୈଜ୍ଞାନିକ ପିଆଜ ସଂରକ୍ଷଣ କେନ୍ଦ୍ର ହେଉ, ବନ୍ୟାପ୍ରବଣ ଅଞ୍ଚଳରେ ସୁରକ୍ଷିତ ଖାଦ୍ୟ ମହଜୁଦ ରହୁ, ଚାଷୀଙ୍କ ଫସଲ ଶୀଘ୍ର ବଜାରକୁ ପହଞ୍ଚୁ, ମଜୁତକାରୀଙ୍କ ଉପରେ କଠୋର ନଜର ରହୁ ଏବଂ ଉପଭୋକ୍ତାଙ୍କୁ ଯଥାସମ୍ଭବ ସୁଲଭ ଦରରେ ଆବଶ୍ୟକ ଖାଦ୍ୟ ମିଳୁ। ରୋଷେଇଘରରେ ମହଙ୍ଗାଇର ନିଆଁ ଜଳୁଥିବା ବେଳେ କେବଳ ଆଙ୍କଡ଼ା ଦେଖାଇ ଲୋକଙ୍କ ଯନ୍ତ୍ରଣାକୁ ଲୁଚାଇହେବ ନାହିଁ। ।

ରକାରଙ୍କ ସଫଳତା ଘୋଷଣାରେ ନୁହେଁ, ଜଣେ ଗରିବ ମା' ନିଜ ପିଲାଙ୍କ ପାଇଁ ଆବଶ୍ୟକ ଖାଦ୍ୟ କିଣିପାରୁଛନ୍ତି କି ନାହିଁ, ଜଣେ ମଧ୍ୟବିତ୍ତ ପରିବାର ମାସ ଶେଷରେ ଋଣ ନକରି ଘର ଚଳାଇପାରୁଛି କି ନାହିଁ ଏବଂ ଜଣେ ଚାଷୀ ନିଜ ଫସଲର ନ୍ୟାୟସଙ୍ଗତ ଦାମ ପାଉଛନ୍ତି କି ନାହିଁ ସେଥିରେ ମାପିବା ଦରକାର। ପିଆଜର ଲୁହ ବନ୍ଦ କରିବାକୁ ହେବ, ଚିନିର ଦରର ଚାପ କମାଇବାକୁ ହେବ, ଚାଷୀଙ୍କ ଘାମର ମୂଲ୍ୟ ଦେବାକୁ ହେବ ଏବଂ ବନ୍ୟା ସମୟରେ ଲୋକଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ହେବ। ଏହା କୌଣସି ରାଜନୈତିକ ଦାବି ନୁହେଁ; ଏହା ଜନସାଧାରଣଙ୍କ ନ୍ୟାୟସଙ୍ଗତ ଅଧିକାର। ଜନତାଙ୍କ ରୋଷେଇଘର ହିଁ ଦେଶର ଅର୍ଥନୀତିର ପ୍ରକୃତ ଆଇନା। ସେହି ଆଇନାରେ ଯଦି ଗରିବଙ୍କ ଲୁହ ଦେଖାଯାଏ, ତେବେ ବ୍ୟବସ୍ଥାକୁ ନିଜକୁ ନିଜେ ପ୍ରଶ୍ନ କରିବାକୁ ହେବ।

**ଭୁବନେଶ୍ୱର, ମୋ: ୯୪୩୭୯୯୪୩୭୯**

## ଭାରତର ରାଜନୀତିରେ ସୃଷ୍ଟି ହେଉଛି ନୂଆ ଅଧ୍ୟାୟ

ବିହାର ଉପନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଐତିହାସିକ ବିଜୟ ଏବଂ ତାମିଲନାଡୁରେ ଅଭିନେତାରୁ ସିଧାସଳଖ ରାଜନେତା ହୋଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିବା ଟିଭିକେର ମୁଖ୍ୟ ଥଲାପତି ବିଜୟଙ୍କ ବିଜୟ ଦେଶର ରାଜନୀତିରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି। ଏହା କେବଳ ବିଜେପି ପାଇଁ ନୁହେଁ, ବରଂ ଦେଶର ସମସ୍ତ ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ସ୍ପଷ୍ଟ ସଙ୍କେତ ଯେ,ଜନସାଧାରଣ ଏବେ ପୁରୁଣା ବ୍ୟବସ୍ଥା ବଦଳାଇ ଏକ ନୂଆ ଓ ପ୍ରଗତିଶୀଳ ବିକଳ୍ପକୁ ଆପଣାଇବାକୁ ପ୍ରସ୍ତୁତ। ପ୍ରଶାନ୍ତ କିଶୋର ଏବଂ ଜନ ସୁରାଜ ପାର୍ଟିର ବାଙ୍କୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଐତିହାସିକ ବିଜୟ ଆଧୁନିକ ଭାରତୀୟ ରାଜନୀତିର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଯୁଗାନ୍ତକାରୀ ମୋଡ଼ ସୃଷ୍ଟି କରିଛି, ଯାହା ବିହାରର ଦଶନ୍ଧି ଧରି ଚାଲିଆସିଥିବା ପାରମ୍ପରିକ ରାଜନୈତିକ ସମୀକରଣକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦେଇଛି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ବିହାରର ରାଜନୈତିକ ଚିନ୍ତାଧାରା କେବଳ ଜାତିଗତ ସମୀକରଣ, ପରିବାରବାଦ ଏବଂ ଧ୍ରୁବୀକରଣ ଉପରେ ଆଧାରିତ ଥିଲା, ଯେଉଁଠାରେ ଭାରତୀୟ ଜନତା ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଏବଂ ଜନତା ଦଳ (ୟୁନାଇଟେଡ) ଭଳି ପ୍ରତିଷ୍ଠିତ ଦଳଗୁଡ଼ିକର କ୍ଷମତା ଜାହିର ରହିଥିଲା। ବାଙ୍କୀପୁର ନିର୍ବାଚନମଣ୍ଡଳୀ, ଯାହାକୁ ଦୀର୍ଘ ଦିନ ଧରି ଭାରତୀୟ ଜନତା ପାର୍ଟିର ଏକ ଅଭେଦ୍ୟ ଗଡ଼ ବୋଲି ବିଚାର କରାଯାଉଥିଲା, ସେଠାରେ ପ୍ରଶାନ୍ତ କିଶୋରଙ୍କ ଏହି ସଫଳତା ଏକ ନୂତନ ବିକଳ୍ପର ସୂଚନା ଦେଇଛି। ୬୩,୨୦୩ଟି ଭୋଟ ପାଇବା ସହ ୧୮,୯୫୩ ଭୋଟର ବିଶାଳ ବ୍ୟବଧାନରେ ବିଜୟୀ ହୋଇ ପ୍ରଶାନ୍ତ କିଶୋର କେବଳ ଗୋଟିଏ ବିଧାନସଭା ଆସନ ଜିତିନାହାନ୍ତି, ବରଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ତୃଣମୂଳ ସ୍ତରରେ ଜନସମ୍ପର୍କ, ସୁଶାସନ, ରୋଜଗାର ଏବଂ ପ୍ରତ୍ୟକ୍ଷ ସଂବାଦ ଉପରେ ପର୍ଯ୍ୟବସିତ ଏକ ନୂତନ ରାଜନୈତିକ ମଡେଲକୁ ପ୍ରମାଣିତ କରିଛନ୍ତି। କିଶୋରଙ୍କ ଏହି ସଫଳତା ତାଙ୍କର ଦୀର୍ଘଦିନର ପଦଯାତ୍ରାର ପରିଣାମ, ଯେଉଁଥିରେ ସେ ହଜାର ହଜାର କିଲୋମିଟର ପାଦରେ ଚାଲି ଜନସାଧାରଣ, ଯୁବବର୍ଗ ଏବଂ ଶ୍ରମିକମାନଙ୍କ ଦୁଃଖକଷ୍ଟକୁ ସିଧାସଳଖ ବୁଝିବାକୁ ଚେଷ୍ଟା କରିଥିଲେ। ଏହି ବିଜୟ ଭାରତୀୟ ଗଣତନ୍ତ୍ରରେ ଏକ ନୂତନ ସନ୍ଦେଶ ଦେଇଛି ଯେ କେବଳ ଜାତି ଓ ଧର୍ମର ରାଜନୀତି ନୁହେଁ, ବରଂ ବିକାଶ, ନିଯୁକ୍ତି ଏବଂ ସଚ୍ଚୋଟ ନେତୃତ୍ୱ ମାଧ୍ୟମରେ ମଧ୍ୟ ବଡ଼ ବଡ଼ ରାଜନୈତିକ ଶକ୍ତିକୁ ପରାସ୍ତ କରାଯାଇପାରିବ। ସେହିପରି ତାମିଲନାଡୁରେ ଦୀର୍ଘଦଶନ୍ଧି ଧରି ରାଜ୍ୟ ରାଜନୀତିକୁ ଚଳାଇ ଆସିଥିବା ଦୁଇ ରାଜନୀତିକ ଦଳ ଡିଏମ୍‌କେ ଓ ଏଆଇଡିଏମ୍‌କେକୁ ବଡ ଶିକ୍ଷା ଦେଇଛନ୍ତି ଜନତା ଜନାର୍ଦ୍ଦନ। ଲୋକେ ସେହି ପୁରୁଣା ଧର୍ମ, ଜାତି ରାଜନୀତିରୁ ବିମୁଖ ହୋଇ ଏବେ ବିକାଶ, ସୁରକ୍ଷା, ରୋଜଗାର ଆଦି ମୁଖ୍ୟ ପ୍ରସଙ୍ଗକୁ ଗୁରୁତ୍ୱ ଦେଉଛନ୍ତି। ଫଳସ୍ୱରୂପ ତାମିଲନାଡୁରେ ବିଜୟ ଓ ବିହାରର ପ୍ରଶାନ୍ତ କିଶୋରଙ୍କ ପରି ଯୁବନେତାଙ୍କୁ ଜନତା ଭରସା କରି ବିଜୟୀ କରାଇଛନ୍ତି। ଦେଶର ରାଜନୀତିକ ମାହୋଲ ଧୀରେ ଧୀରେ ବଦଳୁଛି ବୋଲି ସ୍ପଷ୍ଟ ହେଉଛି।

## କର୍ମଫଳ ଓ ସାଧନା

ଅତୀତର କର୍ମ ଫଳ ଟାଳି ଦେବା ସହଜ ନୁହେଁ। ତାହା କେବଳ ଉଚିତ କର୍ମ ଦ୍ୱାରା କରାଯାଇ ପାରିବ। ତେବେ ବର୍ତ୍ତମାନର କର୍ମଫଳକୁ ସେ ଉତ୍ତମ ଶିକ୍ଷା ଦ୍ୱାରା ବଦଳାଇ ଦେଇପାରିବେ। ଈଶ୍ୱରଙ୍କ ସମେତ ସମସ୍ତ ଜୀବ ଓ ଜଡ଼ ପ୍ରତି ଶ୍ରଦ୍ଧା ଭାବ ରଖିଲେ ଜୀବନଚକ୍ରରୁ ମୁକ୍ତି ମିଳିବ। ଲୋଭାସକ୍ତ ହୋଇ କେବଳ ନେଇଯିବା ମନୋଭାବ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ। ତେବେ ସବୁ ଲୋକଙ୍କର ଅହଂକାର ଏବଂ ସ୍ୱାର୍ଥଭାବ ସମାନ ନୁହେଁ। ପୂର୍ଣ୍ଣଜ୍ଞାତ ସାରରେ ବିଧିବଦ୍ଧ ଭାବରେ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାକୁ ସାଧନା କୁହାଯାଏ । ଆମେ ଏ ଦୁନିଆକୁ ସାଧନା ଉଦ୍ଦେଶ୍ୟରେ ହିଁ ଆସିଥାଉ।

ସଂସାରରେ ଏପରି ଦୁଷ୍ଟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର କାମ ହେଉଛି ଅନ୍ୟର କ୍ଷତି କରିବା। ସେମାନେ କ୍ଷତି କଲାବେଳେ କିଛି ବିଚାର କରନ୍ତି ନାହିଁ। ଏମାନଙ୍କୁ ଦେଖିଲେ ଘୃଣା ଲାଗେ ଏବଂ ମନକୁ ଆସେ ପ୍ରଭୁ ଯଦି ମଙ୍ଗଳମୟ ତେବେ କେଉଁ କାରଣରୁ ଏମାନଙ୍କୁ ସୃଷ୍ଟି କରିଛନ୍ତି। ଗୁରୁଦେବ କିନ୍ତୁ କୁହନ୍ତି ଚେତନାର ବିବର୍ତ୍ତନ ପ୍ରକ୍ରିୟାରେ ଏମାନେ ଆବଶ୍ୟକ ବୋଲି ଏମାନଙ୍କର ଜନ୍ମ ହୋଇଛି। କାରଣ ସେମାନଙ୍କୁ ଦେଖି ଲୋକେ ଶିଖିବେ ଯେ ସେମାନଙ୍କ ପରି ହେବେ ନାହିଁ। ଭଲ-ମନ୍ଦ ବିଚାର ସେମାନେ କରିବେ। ଲୋକେ କିପରି ହେବା ଉଚିତ ଏବଂ କିପରି ହେବା ଉଚିତ ନୁହେଁ। ଯଦି ଜଣେ ମନ୍ଦ ବିଷୟରେ ନଜାଣେ ତେବେ ସେ ଭଲ ହୋଇପାରିବ ନାହିଁ। ତେଣୁ କୁହାଯାଏ ଈଶ୍ୱରଙ୍କ ଦୁନିଆରେ ସମସ୍ତଙ୍କର ଆବଶ୍ୟକତା ଅଛି। ସାଧକ ମାନଙ୍କ ବିକାଶ ନିମନ୍ତେ ଈଶ୍ୱର ଦୁଷ୍ଟ ମାନଙ୍କୁ ବ୍ୟବହାର କରନ୍ତି। ଏହାର ପ୍ରୟୋଗ କରି ସେ ଆଧ୍ୟାତ୍ମିକ ସାଧକର ଏକାଗ୍ରତା ଏବଂ ବିକାଶର ପରୀକ୍ଷା କରନ୍ତି। ଗୁରୁଦେବ କୁହନ୍ତି ଯେ ପୁନର୍ଜନ୍ମ ଲାଭ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ମୃତ୍ୟୁ ଏବଂ ଈଶ୍ୱର ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁଷ୍ଟ ସ୍ୱଭାବର ଲୋକମାନେ ନିଜର ଜୀବନକୁ ନର୍କ କରିବା ସହିତ ପାରିପାର୍ଶ୍ୱିକ ପରିସ୍ଥିତିକୁ ନର୍କରେ ପରିଣତ କରନ୍ତି ଏବଂ ପରଜନ୍ମରେ ଅତି ଦୁଃଖ ଭୋଗ କରନ୍ତି। ତେବେ ଏହି ଦୁଃଖ ସମୟରେ ସେମାନଙ୍କୁ ନଜର ଖରାପ କାମ ନିମନ୍ତେ ଅନୁତାପ କରିବାକୁ ସୁଯୋଗ ଦିଆଯାଏ। ଅନୁତାପ କଲେ ମୋକ୍ଷ ମିଳେ। ନଚେତ ଆହୁରି ଦୁଃଖ।

ଡ.ସୁରେଶ କୁମାର ନାୟକ
ମୋ : ୯୪୩୭୨୨୫୫୯୨

**ସମ୍ପାଦକ ମଣ୍ଡଳି**
ପରିଚାଳନା ସମ୍ପାଦକ
**ସିଦ୍ଧାର୍ଥ ସ୍ୱରୂପ ଦାଶ**
ମୁଖ୍ୟ ସମ୍ପାଦକ
**ରଞ୍ଜିତ କୁମାର ଆଚାର୍ଯ୍ୟ**
କାର୍ଯ୍ୟନିର୍ବାହୀ ସମ୍ପାଦକ
**ପ୍ରକାଶ ଶତପଥୀ**






# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ବୌଦ୍ଧ, ୨୮।୮(ପ୍ରବାହ ନ୍ୟୁଜ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମସିଣାଗୋରା ପରିସରରେ ସଭାପତି ଶ୍ରୀ ସୋମନାଥ ସାହୁ ଙ୍କ ଅଧକ୍ଷତା ରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଖୁଣ୍ଟିଗୋରା ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀ ଧନୁର୍ଯ୍ୟ କାଲସେ ଦୀପ ଲଗାଇ ଉଦ୍ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସମ୍ପାଦକ ଶ୍ରୀ ଭକ୍ତ ସାହୁ ରକ୍ଷାବନ୍ଧନ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ କରିଥିବା ବେଳେ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ବିଦ୍ୱତ ପରିଷଦ ସମ୍ପାଦକ ଶ୍ରୀ ଛବିଚନ୍ଦ୍ର ଗୁରୁ, ସହ ସମ୍ପାଦକ ଶ୍ରୀ ଉପେନ୍ଦ୍ର ଭୋଇ ଉପସ୍ଥିତ ଥିଲେ । ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବୃକ୍ଷ, ଛକ ର ବିଭିନ୍ନ ସ୍ଥାନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୁଣ୍ଟିଗୋରା ତଥା ବିଭିନ୍ନ ସ୍ଥାନ ରେ ରାକ୍ଷୀ ବନ୍ଧନ କରାଯାଇଥିଲା କ୍ଷ ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ , ବିକାଶ ସାହୁ , ନେପାଳ ପ୍ରଧାନ,ଶିରୋମଣି ପାତ୍ର, ସୁଜିତ କୁମାର ମାଝୀ, ବନେନ୍ଦୁ ଦଳେଇ, ଜଗତ ରଣା ,ଆଚାର୍ଯ୍ୟକ୍ଷ ବେଦମତି କୁଦେଇ, ଝରଣା ପ୍ରଧାନ, ସାଇବାନି ପାତ୍ର, ସେବିକା ସୁରୁସୁତା ଭୋଇ, ବାହନ ଚାଳକ ରାଜକୁମାର ରଣା ସହଯୋଗ କରିଥିଲେ। ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ବନ୍ଧୁ ଭଗିନୀ ସହଯୋଗ କରିଥିଲେ।

### ଗଣେଶ ଚତୁର୍ଥୀ ପାଇଁ ଚଳଚଞ୍ଚଳ କୁମ୍ଭାର ସାହି

# ଦିନରାତି ମୃଣ୍ମୟ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର



କଟକ, ୨୮।୦୮: ଆଉ ମାତ୍ର କେଇଟା ଦିନ ପରେ ବିଘ୍ନରାଜ ଗଜାନନ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଗଣେଶ ଚତୁର୍ଥୀକୁ ନେଇ ଏବେଠାରୁ କଟକ ସହରର ବିଭିନ୍ନ କୁମ୍ଭାର ସାହିରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। କୁମ୍ଭାର ସାହି, ବୟାଳିଶ ମୈଜା, କଳାପଡ଼ା, ଗୋଡ଼ିସାହି, ରାଜହଂସ ଆଦି ଅଞ୍ଚଳର ମାଟି କାରିଗରମାନେ ଦିନରାତି ଏକ କରି ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ରହିଛନ୍ତି। ପରମ୍ପରାଗତ କୌଳିକ ବୃତ୍ତିକୁ ଆଧାର କରି ଏହି କାରିଗରମାନେ ପ୍ରତିବର୍ଷ ଗଣେଶ ପୂଜା ସମୟକୁ ଅପେକ୍ଷା କରିଥାନ୍ତି। ପର୍ବପର୍ବାଣୀ ସମୟରେ ମୂର୍ତ୍ତି ବିକ୍ରି କରି ଦୁଇ ପଇସା ରୋଜଗାର କରିବା ସହ ପରିବାର ପ୍ରତିପୋଷଣ କରିବା ଏମାନଙ୍କର ମୁଖ୍ୟ ଆଶା। ତେବେ ଚଳିତବର୍ଷ କଞ୍ଚା ମାଟିର ଅଭାବ ସାଙ୍ଗକୁ ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି କାରିଗରଙ୍କ ଚିନ୍ତା ବଢ଼ାଇଛି। କାରିଗରମାନଙ୍କ କହିବାନୁଯାୟୀ, ମୂର୍ତ୍ତି ତିଆରିରେ ଶ୍ରମ ଓ ଖର୍ଚ୍ଚ ବଢୁଥିଲେ ମଧ୍ୟ ସେହି ଅନୁପାତରେ ଲାଭ ମିଳୁନାହିଁ। ଏପରିକି ଚଳିତବର୍ଷ ବର୍ଷା ମଧ୍ୟ ସେମାନଙ୍କ କାମରେ ବାଧକ ସାଜିଛି। ବର୍ଷା ଯୋଗୁଁ ମୂର୍ତ୍ତି ଶୁଖାଇବା ଓ ଠିକ୍ ସମୟରେ ରଙ୍ଗ ଦେବା ସମ୍ଭବ ହେଉନାହିଁ। ଫଳରେ ନିର୍ଦ୍ଧାରିତ ସମୟରେ ଅର୍ଡର ପୂରଣ କରିବା ନେଇ କାରିଗରମାନେ ଚିନ୍ତିତ ଅଛନ୍ତି।

ବଜାର ଚାହିଦା ଅନୁଯାୟୀ ଛୋଟ ମୂର୍ତ୍ତିଠାରୁ ଆରମ୍ଭ କରି ବଡ଼ ଆକାରର ସୁସଜ୍ଜିତ ମୂର୍ତ୍ତି ପର୍ଯ୍ୟନ୍ତ ଅର୍ଡର ଆସିଛି। ମୂର୍ତ୍ତିର ଆକାର, ଡିଜାଇନ୍ ଓ ସାଜସଜ୍ଜା ଅନୁଯାୟୀ ଦର ଶହେ ଟଙ୍କାରୁ ଆରମ୍ଭ କରି ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

କଟକର ଏହି ମାଟି କାରିଗରମାନେ ପିଢ଼ି ପରେ ପିଢ଼ି ନିଜ କଳା ଓ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ଗଣେଶ ଚତୁର୍ଥୀ ଭଳି ପର୍ବ ଏମାନଙ୍କ ଜୀବିକାର ଏକ ବଡ଼ ଆଶା ହୋଇଥିବାରୁ ସରକାର ଓ ପ୍ରଶାସନ ପକ୍ଷରୁ କଞ୍ଚାମାଲ ଯୋଗାଣ, ଆର୍ଥିକ ସହାୟତା ଓ ବଜାର ସୁବିଧା ଯୋଗାଇ ଦିଆଗଲେ ଏହି ପାରମ୍ପରିକ ମୃଣ୍ମୟ ମୂର୍ତ୍ତି କଳା ଆହୁରି ସମୃଦ୍ଧ ହୋଇପାରିବ ବୋଲି କାରିଗରମାନେ ଆଶା ପ୍ରକାଶ କରିଛନ୍ତି।

### ରାକ୍ଷୀ ପୂର୍ଣ୍ଣିମାରେ 'ସୁଭଦ୍ରା'ର ପଞ୍ଚମ କିସ୍ତି

# ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିଲା ସହାୟତା



କେନ୍ଦ୍ରାପଡ଼ା, ୨୮।୮(ପ୍ରବାହ ନ୍ୟୁଜ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ସ୍ୱାଭିମାନ, ସ୍ୱାବଲମ୍ବନ ଓ ଆର୍ଥିକ ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଛନ୍ତି।

ନୟାଗଡ଼ ଜିଲ୍ଲାର ଲାଠିପଡ଼ା ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଥିଲେ।

ଏହା ସହ ସମନ୍ୱୟ ରଖି କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନ ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ,କେନ୍ଦ୍ରାପଡ଼ା ପକ୍ଷରୁ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ପରିବାରର ଆର୍ଥିକ ପ୍ରଗତିରେ ସେମାନଙ୍କ ଅଧିକ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶ୍ରୀ ବିଚିତ୍ର ପ୍ରଧାନ, ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡିପିସି (ମମତା) ମନୋରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ମହିଳା ହିତାଧିକାରୀମାନେ ଉପସ୍ଥିତ ଥିଲେ।

'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କୁ ନିଜ ପାଦରେ ଠିଆ ହେବା, ନିଜ ଆବଶ୍ୟକତା ପୂରଣ କରିବା ସହ ପରିବାରର ଆର୍ଥିକ ଉନ୍ନତିରେ ଅଧିକ ସକ୍ରିୟ ଭୂମିକା ନେବା ପାଇଁ ସଶକ୍ତ କରାଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟରେ ଏହି ସହାୟତା ପହଞ୍ଚିବା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ।

ରାକ୍ଷୀ ପୂର୍ଣ୍ଣିମାର ଏହି ପବିତ୍ର ଅବସରରେ 'ସୁଭଦ୍ରା'ର ପଞ୍ଚମ କିସ୍ତି ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧିର ନୂଆ ଆଶା ସୃଷ୍ଟି କରିଛି। ସଶକ୍ତ ନାରୀ ହିଁ ସମୃଦ୍ଧ ପରିବାର ଓ ସମୃଦ୍ଧ ଓଡ଼ିଶାର ଆଧାର—ଏହି ଲକ୍ଷ୍ୟକୁ ଆଗେଇ ନେବାରେ 'ସୁଭଦ୍ରା' ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି।

ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀର ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ମାନ୍ୟବର ବିଧାୟକ, ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଇଚାରା, ସ୍ନେହ ଓ ସାମାଜିକ ସମ୍ପର୍କର ଏକ ନିଆରା ଭାବନା ସୃଷ୍ଟି କରିଥିଲା।

# ଅତିରିକ୍ତ ତହସିଲଦାର ଭାବେ ଅଲିଭା ବେହେରାଙ୍କ ଯୋଗଦାନ



ଚିକିଟି, ୨୮।୮(ପ୍ରବାହ ନ୍ୟୁଜ): ଗଞ୍ଜାମ ଜିଲ୍ଲା ଚିକିଟି ତହସିଲ କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ତହସିଲଦାର ଭାବେ ଶ୍ରୀମତୀ ଅଲିଭା ବେହେରା ଆଜି ଯୋଗଦାନ କରିଛନ୍ତି। ଯୋଗଦାନ ଅବସରରେ ତହସିଲଦାର ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ସରକାରୀ କାର୍ଯ୍ୟକୁ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଚିକିଟି ତହସିଲର ଅତିରିକ୍ତ ତହସିଲଦାର ପଦବିରେ ଶୁକ୍ରବାର ନୂତନ ନିଯୁକ୍ତି ହୋଇଛି। ଶ୍ରୀମତୀ ଅଲିଭା ବେହେରା ଚିକିଟି ତହସିଲର ନୂତନ ଅତିରିକ୍ତ ତହସିଲଦାର ଭାବେ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେ ସରକାରୀ କାର୍ଯ୍ୟପ୍ରଣାଳୀ ଓ ରାଜସ୍ୱ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ତାଙ୍କ ଯୋଗଦାନ ଫଳରେ ଚିକିଟି ତହସିଲରେ ରାଜସ୍ୱ କାର୍ଯ୍ୟ ସହ ଜମିଜମା ସମ୍ପର୍କିତ ମାମଲା, ପ୍ରମାଣପତ୍ର ପ୍ରଦାନ ଏବଂ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପ୍ରକ୍ରିୟା ଆହୁରି ସୁଗମ ହେବ ବୋଲି ଆଶା ପ୍ରକାଶ ପାଇଛି। ଅତିରିକ୍ତ ତହସିଲଦାର ପଦବି ଦୀର୍ଘଦିନ ଧରି ଖାଲି ରହିଥିବାରୁ ରାଜସ୍ୱ କାର୍ଯ୍ୟରେ ବିଭିନ୍ନ ସମସ୍ୟା ଦେଖାଦେଉଥିବା ନେଇ ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଏଭଳି ସ୍ଥିତିରେ ନୂତନ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନକୁ ନେଇ ତହସିଲ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଏହି ଅବସରରେ ନୂତନ ଅତିରିକ୍ତ ତହସିଲଦାର ଶ୍ରୀମତୀ ବେହେରା କହିଛନ୍ତି ଯେ, ଲୋକଙ୍କ ସେବା ହିଁ ତାଙ୍କର ପ୍ରାଥମିକତା ରହିବ।

# ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ



କଳାହାଣ୍ଡି, ୨୮।୮(ପ୍ରବାହ ନ୍ୟୁଜ): ଭବାନୀପାଟଣା ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟମରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଯୋଜନାର ପ୍ରଦାନ ସମାରୋହ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ୍ ହଲ୍ ?ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପ୍ରଦୀପ ବଳ ସାମନ୍ତ ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ ଓ ବୟନ ଏବଂ ହସ୍ତଶିଳ୍ପ ବିଭାଗର ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଧର୍ମଗଡ଼ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ଶ୍ରୀ ସଚିନ ପଓ୍ୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରଓ୍ୱାନ, ଉପଜିଲ୍ଲାପାଳ, ଭବାନୀପାଟଣା ଶ୍ରୀ ପ୍ରଭାତ ପରିଡ଼ା , ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ଶ୍ରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସାଇଲେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ଅଧିକାରୀ ଶ୍ରୀ ଦିନେଶ କୁମାର କହଁର, ଉପ ନିର୍ଦ୍ଦେଶକ ପ୍ଲାନିଂ ଶ୍ରୀ ଶ୍ରୀକାନ୍ତ ଦଳେଇ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଚନ୍ଦନ କୁମାର ଭୋଇ ଓ ସମସ୍ତ ବ୍ଲକର ଶିଶୁ ସୁରକ୍ଷା ଅଧିକାରୀ ତଥା ସୁଭଦ୍ରା ଯୋଜନା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ, ସ୍ୱାବଲମ୍ବୀ ଓ ସମ୍ମାନଜନକ ଜୀବନଯାପନ ପାଇଁ ସୁଯୋଗ ପ୍ରଦାନ କରୁଥିବା ଏକ ଐତିହାସିକ ପଦକ୍ଷେପ। ଏହି ଆର୍ଥିକ ସହାୟତାକୁ ମହିଳାମାନେ ପରିବାରର ଆବଶ୍ୟକତା ପୂରଣ, ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଛୋଟ ବ୍ୟବସାୟ ଆଦିରେ ବ୍ୟବହାର କରି ପରିବାରର ଆର୍ଥିକ ଉନ୍ନତିରେ ଭାଗୀଦାର ହେଉଛନ୍ତି। କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟକଳାପ ଏବଂ ଏହାର ସଫଳ କାହାଣୀ ସମ୍ପର୍କରେ ଉପସ୍ଥିତ ଲାଭାନ୍ୱିତା ଓ ଅତିଥିମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ କଳାହାଣ୍ଡି ଜିଲ୍ଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ।

ଏହାପରେ ନୟାଗଡ଼ ଜିଲ୍ଲାରେ ଆୟୋଜିତ ରାଜ୍ୟସ୍ତରୀୟ ସୁଭଦ୍ରା କାର୍ଯ୍ୟକ୍ରମର ଲାଇଭ୍ ପ୍ରସାରଣ ଭବାନୀପାଟଣା ଟାଉନ୍ ହଲ୍ ?ଠାରେ ଉପସ୍ଥିତ ସମସ୍ତେ ଦେଖିଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନା ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ୪,୦୮,୫୭୧ ଜଣ ଲାଭାନ୍ୱିତାଙ୍କୁ ପ୍ରତିଜଣ ?୫,୦୦୦ ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଛି। ଏହି ବାବଦରେ ଦୁଇ ସହ ଛାଡ଼ି କୋଟି ଅଠେଇଶି ଲକ୍ଷ୍ୟ ପଞ୍ଚାବନ ହଜାର ଟଙ୍କା କଳାହାଣ୍ଡି ଜିଲ୍ଲାର ହିତାଧିକାରୀ ମାନଙ୍କୁ ଡିବିଟି ମାଧ୍ୟମରେ ଏହି କିଷ୍ଟି ପ୍ରଦାନ କରଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡକ୍ଟର ଉମେଶ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରଓ୍ୱାନ ଧନ୍ୟବାଦ ଅର୍ପଣ କରି ସଭାର ସମାପନ କରିଥିଲେ।

# କିଡନୀ କ୍ୟାନସରରେ ଆକ୍ରାନ୍ତ ବରିଷ୍ଠ ସାମ୍ବାଦିକ ଏନ୍ଏମ୍ ବୈଶାଖ, ସାହାଯ୍ୟ ପାଇଁ ଆକୁଳ ନିବେଦନ



ପାରାଦୀପ, ୨୮।୮(ପ୍ରବାହ ନ୍ୟୁଜ): ପାରାଦୀପ ତଥା ଜଗତସିଂହପୁର ଜିଲ୍ଲାର ପରିଚିତ ତଥା ବରିଷ୍ଠ ସାମ୍ବାଦିକ ଏନ୍.ଏମ୍. ବୈଶାଖ ଗତ ଏକ ବର୍ଷ ହେଲା କିଡନୀ କ୍ୟାନସର ସହ ଲଢେଇ କରୁଛନ୍ତି। ଅର୍ଥାଭାବରୁ ତାଙ୍କ ଚିକିତ୍ସା ବାଧାପ୍ରାପ୍ତ ହେଉଥିବାରୁ ସେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସାଧାରଣ ଜନତାଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୫ ମସିହା ସେପ୍ଟେମ୍ବର ୧୧ ତାରିଖରେ ତାଙ୍କର କିଡନୀ କ୍ୟାନସର ଚିହ୍ନଟ ହୋଇଥିଲା। ପ୍ରଥମେ ଆପୋଲୋ, ପରେ ଏସସିବି, ଭୁବନେଶ୍ୱର ଏମ୍ସ ଏବଂ ପରେ ଉତ୍କଳ ହସ୍ପିଟାଲରେ ଡା. ସତ୍ୟବ୍ରତ ମହାପାତ୍ର ଓ ଡା. ଭୂପେନ ପ୍ରସାଦଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରି ତାଙ୍କର ଗୋଟିଏ କିଡନୀ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଭୁବନେଶ୍ୱର ଏମ୍ସରେ ଡା. ସୌରଭ ମିଶ୍ରଙ୍କ ତତ୍ତ୍ୱାବଧାନରେ କ୍ୟାନସର ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ଚିକିତ୍ସା ସମୟରେ ଦୁଇ ଥର ବଡ ଧରଣର ଇନଫେକ୍ସନ ହେବାରୁ ତାଙ୍କୁ ବାଗଚୀ କ୍ୟାନସର କେୟାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସଫଳ ନ ହେବାରୁ ବର୍ତ୍ତମାନ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଦୀର୍ଘ ଏକ ବର୍ଷର ଚିକିତ୍ସାରେ ତାଙ୍କର ସମସ୍ତ ସଞ୍ଚୟ ସରିଯାଇଛି। ସାମ୍ବାଦିକତା କାର୍ଡରେ ଥିବା ସମସ୍ତ ଅର୍ଥ ଅସ୍ତ୍ରୋପଚାରରେ ଖର୍ଚ୍ଚ ହୋଇଯାଇଛି। ବର୍ତ୍ତମାନ କ୍ୟାନସର ଚିକିତ୍ସା ପାଇଁ ତାଙ୍କୁ ପ୍ରତି ସାଇକେଲରେ ଘସଙ୍ଗକ୍ଟକ୍ଷଙ୍କଙ୍କବଭ ୨୪୦ଙ୍କଶ ଏବଂ ଓକ୍ଟସକ୍ଷସଙ୍କଙ୍କଙ୍କବଭ ୧୦୦ଙ୍କଶ ନାମକ ଦୁଇଟି ଇଞ୍ଜେକ୍ସନ ନେବାକୁ ପଡୁଛି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା। ସୂଚନାଯୋଗ୍ୟ ଯେ, ଏନ୍.ଏମ୍. ବୈଶାଖ ଦୂରଦର୍ଶନରେ ପ୍ରସାରିତ 'ଆଜିର ଓଡିଶା'ରୁ ନିଜ କ୍ୟାରିଅର ଆରମ୍ଭ କରି ପରେ 'ଓଡିଶା ଡାଏରୀ' ଏବଂ ୧୯୯୯ ମସିହାରୁ ଓଟିଭିରେ ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଏଏନଆଇର ପାରାଦୀପ-ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ।

ପାରାଦୀପର ଅନେକ ବଦାନ୍ୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ, ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡ ଏବଂ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି।

### ଜେକେବିକେ ମହାବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥାରେ

# ଭଙ୍ଗା ଆସନରେ ପାଠପଢ଼ା, ଜରାଜୀର୍ଣ୍ଣ ଶ୍ରେଣୀଗୃହରେ ଭବିଷ୍ୟତ ଗଢୁଛନ୍ତି ଛାତ୍ରଛାତ୍ରୀ






କଟକ, ୨୮।୮(ପ୍ରବାହ ନ୍ୟୁଜ): କଟକ ସହରର ପୂର୍ବାଞ୍ଚଳରେ ଅବସ୍ଥିତ ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟ (ଜେ.କେ.ବି.କେ.) ଆଜି ଭିତ୍ତିଭୂମିଗତ ସମସ୍ୟାରେ ଜର୍ଜରିତ। ୧୯୭୨ ମସିହାରେ ପ୍ରତିଷ୍ଠିତ ଏହି ସରକାରୀ ମହାବିଦ୍ୟାଳୟ ଦୀର୍ଘ ବର୍ଷ ଧରି କଟକ ସହର ସମେତ ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେଇଆସୁଛି। ସରକାରୀ ତଥ୍ୟରେ ମଧ୍ୟ ଜେ.କେ.ବି.କେ. କଲେଜର ପ୍ରତିଷ୍ଠା ବର୍ଷ ୧୯୭୨ ବୋଲି ଉଲ୍ଲେଖ ରହିଛି। ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଶିକ୍ଷାଦାନ ହେଉଥିବା ବେଳେ ଏହାର ଭୌତିକ ଭିତ୍ତିଭୂମିକୁ ନେଇ ଏବେ ପ୍ରଶ୍ନ ଉଠିଛି। ଶ୍ରେଣୀଗୃହରେ ଭଙ୍ଗା ଆସନରେ ଛାତ୍ରଛାତ୍ରୀଙ୍କୁ ବସି ପାଠ ପଢ଼ିବାକୁ ପଡୁଥିବା ଅଭିଯୋଗ ରହିଛି। ଅନେକ ସ୍ଥାନରେ ପୁରୁଣା ଆଜବେଷ୍ଟସ୍ ଛାତ ଦେଖିବାକୁ ମିଳୁଥିବା ବେଳେ କେତେକ ସ୍ଥାନରୁ ସିମେଣ୍ଟ ଖଣ୍ଡ ଖସିପଡ଼ିବା ଭଳି ସ୍ଥିତି ମଧ୍ୟ ଦେଖାଯାଉଛି। ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। କେବଳ ଶ୍ରେଣୀଗୃହ ନୁହେଁ, ମହାବିଦ୍ୟାଳୟର ଅନ୍ୟାନ୍ୟ ମୌଳିକ ସୁବିଧାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପର୍ଯ୍ୟାପ୍ତ ଶୌଚାଳୟ, ବିଶ୍ରାମ ଗୃହ, ପାଠାଗାର, ସଭାଗୃହ, ପାନୀୟଜଳ ଏବଂ ଖେଳପଡ଼ିଆ ଭଳି ସୁବିଧାର ଉନ୍ନତି ଆବଶ୍ୟକତା ଅନୁଭବ ହେଉଛି। ପୂର୍ବରୁ ପ୍ରକାଶିତ ଛାତ୍ରମତରେ ମଧ୍ୟ ମହାବିଦ୍ୟାଳୟର ଭିତ୍ତିଭୂମି, ରକ୍ଷଣାବେକ୍ଷଣ ଓ ମରାମତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ଉଲ୍ଲେଖଯୋଗ୍ୟ, ଜେ.କେ.ବି.କେ. କଲେଜର ଭିତ୍ତିଭୂମି ଓ ଶିକ୍ଷକ ଅଭାବ ଭଳି ସମସ୍ୟା ନେଇ ପୂର୍ବରୁ ମଧ୍ୟ ଖବର ପ୍ରକାଶ ପାଇଥିଲା। ଏକ ପୁରୁଣା ରିପୋର୍ଟରେ କଲେଜର ଭିତ୍ତିଭୂମି ସମସ୍ୟା ଓ ନାକ୍ ? (ଘଇଇଉ) ମାନ୍ୟତା ସମ୍ପର୍କିତ ପ୍ରସଙ୍ଗ ମଧ୍ୟ ଉଠିଥିଲା। ଦୀର୍ଘ ବର୍ଷର ଏହି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ସହିତ ସୁରକ୍ଷିତ ଓ ସୁସ୍ଥ ପରିବେଶ ନିଶ୍ଚିତ କରିବା ମଧ୍ୟ ଅତ୍ୟାବଶ୍ୟକ। ତେଣୁ ମହାବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଓ ଭିତ୍ତିଭୂମିର ବିଶେଷ ଯାଞ୍ଚ କରାଯାଇ ଆବଶ୍ୟକ ମରାମତି, ନୂତନ ଶ୍ରେଣୀଗୃହ ନିର୍ମାଣ, ଆସନ ବ୍ୟବସ୍ଥାର ସୁଧାର, ପାନୀୟଜଳ ଓ ଶୌଚାଳୟର ଉନ୍ନତି, ପାଠାଗାର ଓ ସଭାଗୃହର ଆଧୁନିକୀକରଣ ସହ ଖେଳପଡ଼ିଆର ବିକାଶ ପାଇଁ ସରକାର ଓ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। କଟକର ଏକ ପୁରାତନ ସରକାରୀ ମହାବିଦ୍ୟାଳୟ ଭାବେ ଜେ.କେ.ବି.କେ.ର ଗୌରବକୁ ବଜାୟ ରଖିବା ସହ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସମୟୋପଯୋଗୀ ଶିକ୍ଷା ପରିବେଶ ଯୋଗାଇଦେବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ପତଞ୍ଜଳି ପରିବାର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ



ବାଙ୍କୀ, ୨୮।୮(ପ୍ରବାହ ନ୍ୟୁଜ): ପତଞ୍ଜଳି ପରିବାର କଟକ ଜିଲ୍ଲା ପକ୍ଷରୁ ଡମପଡ଼ା ବ୍ଲକ ରଗଡ଼ିସ୍ଥିତ ବୌଦ୍ଧ ମନ୍ଦିର ପ୍ରାଙ୍ଗଣରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି । ଏହି ଉତ୍ସବରେ ପ୍ରଥମେ ସାମୂହିକ ଯଜ୍ଞ, ଯୋଗ, ରକ୍ଷାବନ୍ଧନ ସହିତ କିଭଳି ଭାବରେ ଯୋଗପ୍ରାଣାୟମ ଓ ଆୟୁର୍ବେଦ ଦ୍ୱାରା ପ୍ରତ୍ୟେକ ରୋଗ ନିରାକରଣ ହୋଇପାରିବ ତାହାକୁ ଓଡ଼ିଶା ରାଜ୍ୟର ସହ ପ୍ରଭାରୀ ସୁନୀଲ ଶର୍ମା ଜୀ ଉପସ୍ଥିତ ରହି ଏହାର ପ୍ରତିକାର ବିଷୟରେ ବୁଝାଇଥିଲେ । କଟକ ଜିଲ୍ଲା ପ୍ରଭାରୀ ଶିଶିର କୁମାର ଜେନା ଓ କଟକ ଜିଲ୍ଲା ଯୁବପ୍ରଭାରୀ ବିଚିତ୍ର କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯକ୍ରମରେ ବହୁ ଶିବିରାର୍ଥୀ ଯୋଗଦେଇଥିଲେ । ଶେଷରେ ବୁଦ୍ଧମନ୍ଦିର ଯୋଗ ଶିବିର ସହଯୋଗ ଶିକ୍ଷକ ସଂଜୟ କୁମାର ମିଶ୍ର , କୃଷ୍ଣଚନ୍ଦ୍ର ପାତ୍ର, ଶାନ୍ତିଲତା ସାହୁ ଓ ପ୍ରଭାସିନୀ ମହାପାତ୍ର ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।






# ବାଲିଯୋରୀ ବିଦ୍ୟାଳୟରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ବୌଦ୍ଧ, ୨୮।୮ (ପ୍ରବାହ ନ୍ୟୁଜ): ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦ୍ଧବ ମହାଳିକ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠି ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଇଓ ନୀଳମଣି ପଣ୍ଡା, ବରପଦର ବନପାଳ ଅଶୋକ କୁମାର ପ୍ରଧାନ, ସିଆରସିସି ହୃଦାନନ୍ଦ ଦନ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱାଧୀନ ବଘାର, ବନରକ୍ଷୀ ଜିତୁରାଣୀ ସାହୁ, ସାମ୍ବାଦିକ ରଞ୍ଜନ ପାତ୍ର, ଦେବାଶିଷ ମଲିକ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟ କ୍ରମରେ ଶିକ୍ଷକ ନରେନ୍ଦ୍ର ମହାଳିକ, ସମ୍ବିତ ପ୍ରଧାନ, ସୁରେଶ ନାଏକ, ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନ ଙ୍କ ସମେତ ଅଶ୍ୱିନୀ ପ୍ରଧାନ, ଖଗେଶ୍ୱର ଭୋଇ, ଅଜିତ ବାଘ, ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରକାରର ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରିଥିଲେ। ଏହି ଅବସରରେ ବୃକ୍ଷର ଗୁରୁତ୍ୱ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

ବୃକ୍ଷ ଆମକୁ ଅମ୍ଳଜାନ, ଛାୟା, ଫଳ ଓ ଔଷଧ ଯୋଗାଇବା ସହ ପରିବେଶର ସନ୍ତୁଳନ ରକ୍ଷା କରେ। ତେଣୁ ପ୍ରତ୍ୟେକେ ଅଧିକରୁ ଅଧିକ ଗଛ ଲଗାଇ ତାହାର ଯତ୍ନ ନେବା ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ରୋପିତ ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ଓ ବୃକ୍ଷ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ସବୁଜ ପରିବେଶ ସୃଷ୍ଟି ସହ ପରିବେଶ ସଚେତନତା ବୃଦ୍ଧିରେ ସହାୟକ ହୋଇଥିଲା। ଶେଷରେ ସମ୍ବିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ



ପାରଳାଖେମୁଣ୍ଡି, ୨୮।୮ (ପ୍ରବାହ ନ୍ୟୁଜ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କେ.ସୁନିତା ଓ ଅତିରିକ୍ତ ତହସିଲଦାର ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ରାକ୍ଷୀ ପୂର୍ଣ୍ଣିମାର ପବିତ୍ର ଅବସରରେ 'ସୁଭଦ୍ରା' ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ପଞ୍ଚମ କିସ୍ତିର ଆର୍ଥିକ ସହାୟତା ରାଶି ଡିବିଟି ମାଧମରେ ପ୍ରଦାନ କରାଯାଇଛି । ଗଜପତି ଜିଲ୍ଲାର ଏକ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଏହି ଆର୍ଥିକ ସହାୟତାରେ ଉପକୃତ ହୋଇଛନ୍ତି । ଏହି ଅବସରରେ ସମସ୍ତ ଅତିଥି ଗଣ ସୁଭଦ୍ରା ଭଉଣୀମାନଙ୍କୁ 'ସୁଭଦ୍ରା' ଯୋଜନାର ଉଦ୍ଦେଶ୍ୟ ଓ ସୁବିଧା ସମ୍ପର୍କରେ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାର ସୁବିନିଯୋଗ କରି ନିଜ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନର ସୁଯୋଗ ମହିଳାମାନଙ୍କୁ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅଧିକ ସଶକ୍ତ ଓ ସକ୍ରିୟ କରିବା ସହ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତିର ଟିମନ ବାରା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ସାରଳା ପାତ୍ର, ସ୍ନିଗଧାରାଣୀ ଭୁଁୟା, ମନୋଜ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଭଉଣୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପରିସମାପ୍ତି ପରେ ରାଜ୍ୟସ୍ତରୀୟ 'ସୁଭଦ୍ରା' କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

# "ନାରୀ ଶକ୍ତିର ସଶକ୍ତିକରଣରେ 'ସୁଭଦ୍ରା' ଯୋଜନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ" : ମନ୍ତ୍ରୀ



ବାରିପଦା, ୨୮।୮ (ପ୍ରବାହ ନ୍ୟୁଜ): ପବିତ୍ର ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ପାଇଁ ଆଜି ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀ ଉପକୃତ ହେବେ।

ଆୟୋଜିତ କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସୟ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୋଜନାରୁ ପ୍ରାପ୍ତ ଆର୍ଥିକ ସହାୟତାକୁ ଉତ୍ପାଦନମୂଳକ ଓ ଜୀବିକାଭିତ୍ତିକ କାର୍ଯ୍ୟରେ ବିନିଯୋଗ କରି ନିଜ ଆୟ ବୃଦ୍ଧି କରିବା ସହ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ସେ ମହିଳା ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ଯୋଗ୍ୟ ମହିଳାମାନେ ଯେପରି ଯୋଜନାର ସୁଫଳରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜିଲ୍ଲାବାସୀଙ୍କୁ ରକ୍ଷାବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ରକ୍ଷାବନ୍ଧନ ପବିତ୍ର ସମ୍ପର୍କ ଓ ଭାଇଚାରାର ପ୍ରତୀକ । ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବା ଦିଗରେ 'ସୁଭଦ୍ରା' ଯୋଜନା ଏକ ଐତିହାସିକ ପଦକ୍ଷେପ । ବର୍ଷକୁ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କା ସିଧାସଳଖ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଥିବାରୁ ଏହା ମା'ମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ରାଜ୍ୟର ଗ୍ରାମୀଣ ଓ ସହରାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ଉଦଳା ବିଧାୟକ ଭାସ୍କର ମଢେଇ , ବାରିପଦା ବିଧାୟକ ଶ୍ରୀ ଯୁକ୍ତ ପ୍ରକାଶ ସୋରେନ , ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି ଏବଂ ପୂର୍ବତନ ବିଧାୟକ ଶ୍ରୀ କାନ୍ଦ୍ରା ସୋରେନଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ସହିତ ବହୁ ସଂଖ୍ୟାରେ ମହିଳା ହିତାଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଚିକଲଖଣ୍ଡି ପଞ୍ଚାୟତକୁ ନିଶା ମୁକ୍ତ କରିବା ଦିଗରେ ପ୍ରୟାସ




ଛତ୍ରପୁର, ୨୮।୮ (ପ୍ରବାହ ନ୍ୟୁଜ): ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଝରପଥରି ଗ୍ରାମରେ ନିଶା ମୁକ୍ତ ସମାଜ , ସାଇବର୍ ଠକେଇ ଏବଂ ସ୍ୱାସ୍ଥ୍ୟ ନିମନ୍ତେ ଟିବି ରୋଗର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ପୋଲିସ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ ନାୟକ, ଛତ୍ରପୁର ଉପଖଣ୍ଡସ୍ତରୀୟ ପୋଲିସ୍ ଅଧିକାରୀ ଚନ୍ଦନ ଘଡ଼େଇ , ଛତ୍ରପୁର ଥାନା ଅଧିକାରୀ ସବ୍ୟସଚୀ ମଲ୍ଲ, ସାଇବର୍ ବିଶେଷଜ୍ଞ ଅଗସ୍ତ୍ୟ ବିଶ୍ୱାଳ ଏବଂ ଚିକଲାଖଣ୍ଡି ସରପଞ୍ଚ ଭଗବାନ ବେହେରା, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ର ସଂଚାଳିକା ବି.କେ ବିଜୟ ଲକ୍ଷ୍ମୀ ଭଉଣୀ , ବି.କେ ବାଲକ୍ରିଷ୍ଣା ଭାଇ ,ପିଙ୍କି ଭଉଣୀ ରଜନୀକାନ୍ତ ଭାଇ , ଭାଗ୍ୟ ଭଉଣୀ, ମାମଲି ଭଉଣୀ, ଟିବି ଚମ୍ପିୟାନ ମୁନା ବେହେରା ଉପସ୍ଥିତ ରହି ଗ୍ରାମବାସୀଙ୍କୁ ନିଶା ନିବାରଣ ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ପ୍ରକାରର ଲୋକ ମାନଙ୍କ ଅସୁବିଧା କୁ କିଭଳି ଭାବରେ ନିଶା ସେବନ ଦୂରୀକରଣ ନିମନ୍ତେ ପ୍ରୟାସ କରିବା ଦିଗରେ ପଦେ ଆଗେଇବା ପାଇଁ ବାର୍ତ୍ତା ଦେଇଥିଲେ । ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପିଙ୍କି ଭଉଣୀ ନିଶାକୁ ନିବାରଣ କରିବାକୁ ହେଲେ କିପରି ନିଜର ମନ ଉପରେ ନିଆନ୍ତ୍ରଣ ରଖିବା ସେ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ସାଇବର୍ ଠକେଇ କିଭଳି ହୁଏ ଜାଣି ପାରିବା ବିଭିନ୍ନ ମାଧ୍ୟମରେ ଅନ୍ୟଠାରୁ ଓଟିପି ଓ ଲାଞ୍ଛନା ମଧ୍ୟମ ରେ ଲୁଟିବାର ସାଇବର୍ ଠକେଇ ନିଜର କାମ ହାସଲ କରନ୍ତି କହିବା ସହିତ ତାଙ୍କ ଠାରୁ ନିଜକୁ କିପରି ଦୂରେଇ ରଖିବା ଏବଂ ନିଜେ ସଚେତନତା ରହିବା ପାଇଁ ଶ୍ରୀ ବିଶ୍ୱାଳ ପରାମର୍ଶ ଦେଇଥିଲେ । ଏଥି ସହିତ ଛତ୍ରପୁର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିବି ରୋଗର ସଚେତନତା ମଧ୍ୟ ହୋଇଥିଲା । ଶେଷରେ ବି.କେ ବିଜୟ ଲକ୍ଷ୍ମୀ ଭଉଣୀ ନିଶା ମୁକ୍ତ ସମାଜ ପାଇଁ ଏକ ଶପଥ ପାଠ କରାଇଥିବା ସହିତ ସମାଜସେବୀ ବି ଶଙ୍କର ରେଡ୍ଡୀ ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ




କଳାହାଣ୍ଡି, ୨୮।୮ (ପ୍ରବାହ ନ୍ୟୁଜ): ଭବାନୀପାଟଣା ଧର୍ମଗଡ଼ ଭାଇ-ଭଉଣୀଙ୍କ ପବିତ୍ର ସ୍ନେହ ଓ ସମ୍ପର୍କର ପ୍ରତୀକ ରକ୍ଷା ବନ୍ଧନ ପର୍ବ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଧର୍ମଗଡ଼ ନଗର ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ, ପୁରାତନ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ବିଧାୟକ, ଥାନା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନର ଶୁଭେଚ୍ଛା ଜଣାଯାଇଥିଲା। ସେହିପରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର, ନର୍ସ, କର୍ମଚାରୀ ଓ ରୋଗୀ, ଉପକାରାଗାର, ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଶକ୍ତି ସଦନ ଗୃହରେ ମଧ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ କରାଯାଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ଭାଇଚାରା ଓ ସାମାଜିକ ସମ୍ପର୍କକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏବିଭିପି ପକ୍ଷରୁ ଏଭଳି ଅଭିନବ ପ୍ରୟାସ କରାଯାଇଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ସାଧାରଣ ଜନତାଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

କାର୍ଯ୍ୟକ୍ରମରେ ଅଙ୍କିତା ସେନାପତି, ଦୀପାବଳି ନିୟାଲ, ନମିତା ମାଝୀ, ତାନିଶା ବିହାରୀଙ୍କ ସମେତ ଏବିଭିପିର ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।

# କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ ପାଳିତ



କଳାହାଣ୍ଡି ,୨୮।୮ (ପ୍ରବାହ ନ୍ୟୁଜ): ଭବାନୀପାଟଣା କେସିଙ୍ଗା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ରକ୍ଷା ବନ୍ଧନ ପର୍ବ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଏନ୍.ସି.ସି, ୟୁଥ୍ ଓ ୟୁକୋ କ୍ଲବ, ଓ ଏନର୍ଜି କ୍ଲବର ସମ୍ମିଳିତ ନିଷ୍ଠା ଓ ପ୍ରୟାସ କ୍ରମେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ଗଛରେ ରାକ୍ଷୀ ବାନ୍ଧିଥିଲେ ଏବଂ ପରିବେଶ ସୁରକ୍ଷାର ଏକ ଅଭିନବ ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ତଥା ଉଭୟ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ବୃକ୍ଷମାନଙ୍କର ସୁରକ୍ଷା ଓ ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ରାକ୍ଷୀର ସୁରକ୍ଷା ବନ୍ଧନକୁ ପ୍ରକୃତି ସୁରକ୍ଷା ସହ ଯୋଡ଼ି ଛାତ୍ରୀମାନେ ସମାଜକୁ ସୁସ୍ଥ ଓ ସବୁଜ ପରିବେଶ ଗଠନର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅଭିନବ କାର୍ଯ୍ୟକ୍ରମ ବିଦ୍ୟାଳୟରେ ରାକ୍ଷୀ ପୂର୍ଣ୍ଣିମା ପାଳନକୁ ଅଧିକ ଅର୍ଥପୂର୍ଣ୍ଣ କରିଥିବା ସହିତ ଛାତ୍ରୀମାନଙ୍କ ମନରେ ପରିବେଶ ପ୍ରତି ଭଲପାଇବା ଓ ପ୍ରକୃତିକୁ ସୁରକ୍ଷା କରି ସବୁଜ ଭବିଷ୍ୟତ ଗଢ଼ିବା ନିମନ୍ତେ ଦାୟିତ୍ୱବୋଧ ସୃଷ୍ଟି କରିଥିଲା।

## ମା ବାଳକୁମାରୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଚିକିଟି ପେଣ୍ଠ ବିଜେତା, କରବାଲୁଆ ରନର




ଚିକିଟି, ୨୮।୮ (ପ୍ରବାହ ନ୍ୟୁଜ): ମା ବାଳକୁମାରୀ ଭଲିବଲ ଟିମ ୟୁଥ କ୍ଲବ ଆନୁକୂଲ୍ୟରେ ଚିକିଟି ଗଡ଼ ଆର ଆର ବି ପି ଖେଳ ପଡିଆରେ ଚାଲିଥିବା ଦୁଇ ଦିନିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି କ୍ଷ ଆର ଆର ବି ପି ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆରାଧେଶ୍ୱର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏବଂ ହରିଶ୍ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ କ୍ଷ ପୁରୋହିତ ବଳରାମ ପଣ୍ଡା ପୂଜା କରିଥିଲେ କ୍ଷ ଚିକିଟି ଏନ ଏ ସି ର ପାଞ୍ଚୋଟି ଦଳ ଟୁର୍ଣ୍ଣାମେଣ୍ଟ ରେ ଭାଗ ନେଇଥିଲେ କ୍ଷ ପ୍ରଥମ ଦିନ ରେ ଚିକିଟି ଗଡ଼ (ଏ ),ଚିକିଟି ପେଣ୍ଠ (ଏ ), କରବାଲୁଆ ଏବଂ ତ୍ରିନାଥ ନଗର ଟିମ ସେମି ଫାଇନାଲ କୁ ଉତୀର୍ଣ୍ଣ ହୋଇଥିଲେ କ୍ଷ ଫାଇନାଲ ମ୍ୟାଚ ରେ ଚିକିଟି ପେଣ୍ଠ (ଏ )ଦଳ ୨-୧ ରେ ମ୍ୟାଚ୍ କୁ ଜିତି ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଥିଲେ କ୍ଷ ,କରବକ୍ଷଲୁଆ ରନର ଟ୍ରଫି ହାସଲ କରିଥିଲେ କ୍ଷ ବେଷ୍ଟ ନେଟର ଭାବେ ବିଜେତା ଦଳ ର ବଳିଆ, ବେଷ୍ଟ ହିଟର ଭାବେ ଚିକିଟି ଗଡ଼ (ଏ)ଟିମ ର ଗଗନ୍ ଏଂ ବେଷ୍ଟ ପ୍ଲେଆର ଭାବେ ବିଜେତା ଟିମ ର କ୍ୟାପ୍ଟେନ ବଣ୍ଟି ପୁରସ୍କୃତ ହୋଇଥିଲେ । ଉଦଯାପନୀ ଉତ୍ସବ ରେ ପୁର୍ବତନ ବରିଷ୍ଠ ବୟୋଜ୍ୟେଷ୍ଠ ଖେଳାଳୀ ଶ୍ରୀ ଜନାର୍ଦ୍ଦନ ଜେନା (ଆନ୍ନା) ଏବଂ ଶ୍ରୀ ଜେ.ପୂର୍ଣ୍ଣଚନ୍ଦ୍ର ଆଚାରୀ ଅତିଥି ରୂପେ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। କୃଷ୍ଣପୁର ର ରାଜି ଭାଇ ରେଫେରି ଦାୟୀତ୍ୱ ରେ ଥିବାବେଳେ ଅଶୋକ, ରାମଶଙ୍କର, ସନ୍ତୋଷ, ଆନନ୍ଦ ଏଂ ସିମାଞ୍ଚଳ ଟୁର୍ଣ୍ଣାମେଣ୍ଟ କୁ କରିଥିଲେ। ୟୁଥ କ୍ଲବ ର ଅଶୋକ ପାଣିଗ୍ରାହୀ, ଡ଼. ରାମାଶଙ୍କର ପଟ୍ଟନାୟକ, ସନ୍ତୋଷ ସାହୁ, ଡି ଆନନ୍ଦ ରାଓ ଆଚାରୀ, ସିମାଞ୍ଚଳ ସାହୁ, ଜିତୁ, ବାପ, ଅରବିନ୍ଦ, ବାବୁଲି, ଚୁଲବୁଲ ରୁନା, ରିଙ୍କୁ, ପପୁ, ଶରତ ଧଳ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ କ୍ଷ ରେଫ୍ରି ଭାବେ ରାଜି ଓ ଅଶୋକ, ସ୍କୋର ର ଭାବେ ଲକ୍ଷ୍ମୀ ଦାଶ ଏବଂ ଭାଷ୍ୟକାର ଭାବେ ପ୍ରମୋଦ ଦାୟିତ୍ୱ ତୁଲାଇଥିଲେ।



# ରାଜ୍ୟ ଖବର



## ଗାରିମା ଆୱାର୍ଡରେ ସମ୍ମାନୀତ ହେଲା ଛତ୍ରପୁର ମ୍ୟୁନିସିପାଲିଟୀ




ଛତ୍ରପୁର, ୨୮।୮ (ପ୍ରବାହ ନ୍ୟୁଜ): ରାଜ୍ୟସ୍ତରୀୟ ଉତ୍ସବରେ ଗାରିମା ଆୱାର୍ଡରେ ସମ୍ମାନୀତ ହୋଇଛି ଛତ୍ରପୁର ମୁନିସିପାଲିଟୀ, ଏନେଇ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ଛତ୍ରପୁର ପୌର ପରିଷଦ କାର୍ଯ୍ୟାଳୟରେ ମୁଖ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ପୌର ପରିଷଦ ଅଧ୍ୟକ୍ଷ, କାଉନସିଲରଗଣ ଙ୍କ ମଧ୍ୟରେ ମିଠା ଖୁଆ ଖୋଇ ହୋଇ ଏକନିଆରା ଖୁସିର ଲହରୀ ଖେଳିଯାଇଛି।

ଗତ ଶନିବାର ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ଗାରିମା ଆୱାର୍ଡ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ଏହି ପୌର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ମାନପତ୍ର ସହ ଏହି ପୁରସ୍କାର ଗ୍ରହଣ କରିନେଇଛନ୍ତି।

ସୂଚନା ଥାଉକି, ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହୋଇଥିବା ବେଳେ ରାଜ୍ୟର ୮ଟି ମୁନିସିପାଲିଟୀ ଏବଂ ଏନ୍‌ଏସି ମଧ୍ୟରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ମୁନିସିପାଲିଟୀ ହିଁ ଏହି ପୁରସ୍କାର ପାଇଛି ।

ସହରବାସୀଙ୍କୁ ଛତ୍ରପୁର ମୁନିସିପାଲିଟୀ ଉତ୍ତମ ସେବା, ସବୁ କ୍ଷେତ୍ରରେ ଯୋଗାଇଆସିଥିବାରୁ ଏହି ଆୱାର୍ଡ ଦିଆଯାଇଥିବା ଜଣାପଡ଼ିଛି ।

## ଜିଲ୍ଲା କାରାଗାରରେ ପାଳିତ ହେଲା ରକ୍ଷା ବନ୍ଧନ

କେନ୍ଦ୍ରାପଡ଼ା, ୨୮।୮ (ପ୍ରବାହ ନ୍ୟୁଜ): ପବିତ୍ର ରକ୍ଷା ବନ୍ଧନ ଅବସରରେ ଭାଇଚାରା, ସ୍ନେହ, ମାନବିକତା ଓ ସାମାଜିକ ସମାବେଶର ଏକ ଅନନ୍ୟ ବାର୍ତ୍ତା ନେଇ ଜିଲ୍ଲା କାରାଗାର ପରିସରରେ ଏକ ଭାବପ୍ରବଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଓ ପଲ୍ଲୀଶ୍ରୀ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ (ଡିଡିଓ)ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଡିଓରେ ରହୁଥିବା ଶିଶୁମାନେ ଜିଲ୍ଲା କାରାଗାରର ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନର ପବିତ୍ର ପରମ୍ପରାକୁ ପାଳନ କରିଥିଲେ। ଏହି ସ୍ନେହଭରା ମୁହୂର୍ତ୍ତରେ ଅନ୍ତେବାସୀମାନେ ଶିଶୁମାନଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ପରିବାରଠାରୁ ଦୂରରେ ରହୁଥିବା ଅନ୍ତେବାସୀମାନଙ୍କ ମନରେ ଭାଇ-ଭଉଣୀର ସ୍ନେହ ଓ ପାରିବାରିକ ଭାବନାକୁ ଉଜ୍ଜୀବିତ କରିବା ସହିତ ସମାଜର ପ୍ରତ୍ୟେକ ବର୍ଗ ମଧ୍ୟରେ ମାନବିକ ସମ୍ପର୍କ ଓ ଆତ୍ମୀୟତାର ବନ୍ଧନକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ସ୍ନେହ, ସମ୍ମାନ, ସହାନୁଭୂତି, ମାନବିକତା ଓ ସାମାଜିକ ଦାୟିତ୍ୱବୋଧ ଭଳି ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାଜର ମୁଖ୍ୟସ୍ରୋତରେ ସମସ୍ତଙ୍କୁ ସାମିଲ କରିବା ଏବଂ ମାନବିକ ସମ୍ପର୍କର ସେତୁକୁ ଆହୁରି ମଜବୁତ କରିବାରେ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ପଲ୍ଲୀଶ୍ରୀ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀକାନ୍ତ ନାୟକ, ପରିଚାଳିକା ସୁଶ୍ରୀ ମଞ୍ଜୁଳା ନାୟକ, ଜିଲ୍ଲା କର୍ମ ନିୟୋଜନ ଓ କୌଶଳ ବିକାଶ ବିଭାଗର ସୁରେଶ କୁମାର ସାହୁ ଏବଂ ଜିଲ୍ଲା କାରାଗାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୁକାନ୍ତ କୁମାର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଶିଶୁମାନଙ୍କ ସୁରକ୍ଷା, ସମ୍ମାନ, ଅଧିକାର ଓ ସାମାଜିକ ଦାୟିତ୍ୱବୋଧକୁ ସର୍ବାଧିକ ଗୁରୁତ୍ୱ ଦେଇ ଏକ ସୁସ୍ଥ, ସମାବେଶୀ ଓ ମାନବିକ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା।

### ଉଗ୍ର ଷଣ୍ଢ ଆତଙ୍କରେ ଏମ୍‌ଭି-୯ ଚାଷୀ

## ଧାନ କ୍ଷେତରେ ପଶି ଫସଲ ନଷ୍ଟ
## ଉଡ଼ାଇବାକୁ ଗଲେ ଆକ୍ରମଣ ପାଇଁ ଗୋଡ଼ାଉଛି



ମାଲକାନଗିର, ୨୮।୮ (ପ୍ରବାହ ନ୍ୟୁଜ): ମାଲକାନଗିରି ସଦର ଅଞ୍ଚଳରୁ ଆସିଥିବା ଏକ ବିଶାଳ ଓ ଉଗ୍ର ଷଣ୍ଢ ଏବେ ଗୌଡ଼ଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୯ ଗ୍ରାମର ଚାଷୀମାନଙ୍କ ପାଇଁ ଆତଙ୍କର କାରଣ ପାଲଟିଛି। ଦିନରାତି ଏହି ଷଣ୍ଢଟି ଧାନ କ୍ଷେତରେ ପଶି ଚାଷୀଙ୍କ କଷ୍ଟାର୍ଜିତ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି।

କେବଳ ଫସଲ ନଷ୍ଟ କରିବାରେ ଏହାର ଉପଦ୍ରବ ସୀମିତ ନୁହେଁ। ଷଣ୍ଢଟିକୁ କ୍ଷେତରୁ ଘଉଡ଼ାଇବାକୁ ଗଲେ ଓଲଟା ଲୋକଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଉଥିବାରୁ ଚାଷୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଫଳରେ ନିଜ ଜୀବନକୁ ବିପଦରେ ପକାଇ ଚାଷୀମାନେ ଫସଲ ଜଗିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ରାତି ସମୟରେ ଷଣ୍ଢଟି କେଉଁ ଚାଷୀଙ୍କ କ୍ଷେତରେ ପଶି ଫସଲ ନଷ୍ଟ କରିବ, ତାହାକୁ ନେଇ ଗ୍ରାମବାସୀ ଚିନ୍ତାରେ ରହୁଛନ୍ତି। ଷଣ୍ଢ ଆକ୍ରମଣର ଆଶଙ୍କା ଯୋଗୁଁ ଚାଷୀମାନେ ଭୟ ଓ ଆତଙ୍କ ମଧ୍ୟରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି।

ଏଭଳି ସ୍ଥିତିରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ଉଗ୍ର ଷଣ୍ଢଟିକୁ ସୁରକ୍ଷିତ ଭାବେ ଧରି ଅନ୍ୟତ୍ର ସ୍ଥାନାନ୍ତର କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଶୀଘ୍ର ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଫସଲ କ୍ଷତି ସହ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।

## ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ ସମାବେଶ କାର୍ଯ୍ୟକ୍ରମ



ନବରଙ୍ଗପୁର, ୨୮।୮ (ପ୍ରବାହ ନ୍ୟୁଜ): ଆଜି ନବରଂଗପୁର ସହର ସ୍ଥିତ ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ ସମାବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଲାଠିପଡା ଠାରେ ରାଜ୍ୟ ସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରେ ମାନବ୍ୟର ମୁଖ୍ୟମନ୍ତ୍ରୀ ଙ୍କ ଅଭିଭାଷଣ କୁ ଏହି ଜିଲ୍ଲା ସ୍ତରୀୟ ଉତ୍ସବ ରେ ଅତିଥି ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ କରକମଳରେ ରାଜ୍ୟରେ ଆଜି ୧ କୋଟି ରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ତାଙ୍କ ଜମାଖାତାରେ ସୁଭଦ୍ରା ଯୋଜନାର ୫ମକିସ୍ତି ମୋଟ ୫ ହଜାର କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଗଲା।

ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ଥିତି କୁ ସୁଦୃଢ଼ କରିବାରେ ସହାୟକ ହେଉଛି ଏବଂ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରୋତ୍ସାହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଚଳନ ପୂର୍ବକ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ଏବଂ ଏହି ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ନିଜକୁ ଆର୍ଥିକ ଦିଗରେ ସୁରକ୍ଷିତ କରିଛନ୍ତି ବୋଲି କହିଥିଲେ। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୩୦୫୬୯୬ ଜଣ ମହିଳା ହିତାଧିକାରୀଙ୍କୁ ପ୍ରତ୍ୟେକ ବ୍ୟାଙ୍କ୍ ଜମାଖାତା ରେ ୫ମ କିସ୍ତି ୫୦୦୦ ଟଙ୍କା ଜମା ହୋଇ ମୋଟ ୧୫୨ କୋଟି ୮୪ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନା ଯୋଗ୍ୟ ଯେ ସୁଭଦ୍ରା ଯୋଜନାର ପ୍ରତ୍ୟେକ ମହିଳା ହିତାଧିକାରୀଙ୍କ ଜମାଖାତା କୁ ଏ ପର୍ଯ୍ୟନ୍ତ ୪ ଟି କିସ୍ତି ରେ ମୋଟ ୨୦,୦୦୦ ଟଙ୍କା ଜମା ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିଥିଗଣ ଜିଲ୍ଲାରେ ସୁଭଦ୍ରା ଯୋଜନା ଦ୍ୱାରା ଆର୍ଥିକ ଅଭିବୃଦ୍ଧି କରିଥିବା ୩ ଜଣ ହିତାଧିକାରୀ ହେମଲତା ମଲ୍ଲିକ, ବାଲି ହରିଜନ ଏବଂ ମାଣିକ ଖୋରାଙ୍କୁ ସମ୍ମାନିତ କରିଥିଲେ। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଆଇନଜିବି କିଶୋରୀ ପଟ୍ଟନାୟକ, 'ଶୋଭା' ଅନୁଷ୍ଠାନ କର୍ମକର୍ତ୍ତା, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ସୁପରଭାଇଜର, ସି ଡି ପି ଓ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରମା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସଭା ପରିଚାଳନା କରିଥିଲେ ଏବଂ ଚନ୍ଦନା ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ।

### କ୍ରୀଡା ଦିବସ ଉଦଘାଟିତ

## ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଛାତ୍ର ଛାତ୍ରୀଙ୍କ ପାଇଁ ଜରୁରୀ



ନବରଙ୍ଗପୁର, ୨୮।୮ (ପ୍ରବାହ ନ୍ୟୁଜ): ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମ୍ ର ଇଣ୍ଡର କକ୍ଷ ରେ ଜିଲ୍ଲା ସ୍ତରୀୟ କ୍ରୀଡା ଦିବସ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ଦୀପ ପ୍ରଜ୍ୱଳନ ପୂର୍ବକ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବରେ କ୍ରୀଡା ଦିବସ ଉଦଘାଟିତ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ପ୍ରକଳ୍ପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଲା କ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇ ହକି ଯାଦୁଗର ଧ୍ୟାନଚାନ୍ଦ ଙ୍କ ସ୍ମୃତି ଚାରଣ କରିଥିଲେ । ପାଠ ପଢ଼ିବା ସହ କ୍ରୀଡା ଏବଂ ଯୋଗ କଲେ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ସାଥେ ସାଥେ ନିଜ ପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ମାଝୀ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶେଷରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ଉପସ୍ଥିତ ଅତିଥି ମାନେ ନିଶା ମୁକ୍ତ ଭାରତ ଅଭିଯାନ ଉଦ୍ଦେଶ୍ୟ ରେ ଏକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭାରପ୍ରାପ୍ତ କ୍ରୀଡା ଅଧିକାରୀ ଶଭାନ ଶ୍ରୀତମ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ଭିଭାଷିସ ଦେ ମଞ୍ଚ ସଂଯୋଜନା କରିଥିବା ବେଳେ ଅନ୍ୟତମ କ୍ରୀଡା ଶିକ୍ଷକ ଅଜିତ୍ ପରିଜା ଏବଂ କ୍ରୀଡା ବିଭାଗ ପକ୍ଷରୁ ନିରଞ୍ଜନ ନାୟକ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ କ୍ରୀଡା ଦିବସ ନିମନ୍ତେ ପ୍ରଥମ ଥର ପାଇଁ ତିନି ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିବସରେ କ୍ରୀଡା ଦିବସ ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହେବ ଏବଂ ଶେଷ ଦିବସରେ ସ୍ଥାନୀୟ ସଦାଶିବ ତ୍ରିପାଠୀ ପାର୍କ ଠାରୁ ଏକ ସାଇକେଲ ରେଲି ବାହାରି ରାଜା ଚୈତନ୍ୟ ଦେବ ନୋଡାଲ ବିଦ୍ୟାଳୟ ପଡିଆରେ ଶେଷ ହେବ ଏବଂ ସେଠାରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ ଅନୁଷ୍ଠିତ ହେବା ସହ ଦ୍ୱିତୀୟ ଦିବସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ସଫଳ ହୋଇଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବ।

## ବେଦପୁର ମା'ଷଷ୍ଠୀ ଦେବୀ ପୀଠରେ ପ୍ରଭୁ ବଳଭଦ୍ର
## ଜୟନ୍ତୀ ଓ ବୃକ୍ଷରେ ରାକ୍ଷୀ ବାନ୍ଧି ସଚେତନତା




ବାଙ୍କୀ,, ୨୮।୮ (ପ୍ରବାହ ନ୍ୟୁଜ): ଆଜି ପବିତ୍ର ପ୍ରଭୁ ବଳଭଦ୍ର ଜୟନ୍ତୀ , ଗହ୍ମାପର୍ବ ଓ ରକ୍ଷାବନ୍ଧନ ଉତ୍ସବ ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ବେଦପୁରର ପ୍ରସିଦ୍ଧ ମା'ଷଷ୍ଠୀ ଦେବୀ ପୀଠରେ ରାଣୀ ଶୁକଦେଈ ଫାଉଣ୍ଡେସନ୍ ଟ୍ରଷ୍ଟ ତରଫରୁ ପାଳିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟର ସଭ୍ୟାମାନେ ମନ୍ଦିର ପରିସରକୁ ସଫାସୁତରା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରକୃତିବନ୍ଧୁ ମନୋଜ କୁମାର ମହାପାତ୍ର ଯୋଗଦାନ କରି ପବିତ୍ର ରକ୍ଷାବନ୍ଧନ ଉତ୍ସବ ସଂପର୍କରେ କହିବା ସହିତ ମା'ଙ୍କ ପୀଠରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାଣୀ ଶୁକଦେଈ ଟ୍ରଷ୍ଟର ସଭାପତି ପ୍ରିତିଲତା ଗିରିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗଛରେ ରାକ୍ଷୀ ବାନ୍ଧି ବୃକ୍ଷର ଯତ୍ନ ନେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂପାଦିକା ସବିତା ମଲିକ, ସଭ୍ୟା ସୁଜାତା ସିଂହ, ସୁନୀତା ପ୍ରଧାନ, ବାସନ୍ତୀ ମନ୍ତ୍ରୀ , ସଂଗୀତା ବେହେରା, ରାଧାରାଣୀ ମନ୍ତ୍ରୀ, ପ୍ରଭାତି ବେହେରା, ତୁଳସୀ ସ୍ୱାଇଁ, ମିନାକ୍ଷୀ ମହାରଣା, ସୁରେଖା ପୃଷ୍ଟି ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଜୟଶ୍ରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ "ରକ୍ଷାବନ୍ଧନ" ଉତ୍ସବ



ପାରଳାଖେମୁଣ୍ଡି, ୨୮।୮ (ପ୍ରବାହ ନ୍ୟୁଜ): ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର "ରକ୍ଷାବନ୍ଧନ" କାର୍ଯ୍ୟକ୍ରମ ବହୁ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ପରସ୍ପରକୁ ରକ୍ଷାସୂତ୍ରର ପ୍ରତୀକ ରାକ୍ଷୀ ବାନ୍ଧି ସମସ୍ତଙ୍କର ଶୁଭ ମନାସିଛନ୍ତି । କାର୍ଯ୍ୟକ୍ରମର ଶେଷରେ ସ୍କାଉଟ୍ , ଗାଇଡ୍ ତଥା ଛାତ୍ରଛାତ୍ରୀ ମାନେ ସହରରେ ଥିବା ସରକାରୀ କାର୍ଯ୍ୟାଳୟ , ବିଶିଷ୍ଟ ବ୍ୟକ୍ତି , ଶୁଭେଚ୍ଛୁ , ବିଭିନ୍ନ ବସ୍ତି ଯଥା ସୁବାସ ନଗର , କଣ୍ଡରା ସାହି, ଜଗନ୍ନାଥ ନିକେତନ ଅନାଥାଶ୍ରମ, ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ କାର୍ଯ୍ୟରତ ଥିବା କାରିଗର ଭାଇ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟର ମାତୃଭାରତୀର ମହିଳା ସଦସ୍ୟାମାନେ ଉପକାରାଗାରର ସମସ୍ତ ଅନ୍ତେବାସୀ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଆଚାର୍ଯ୍ୟ ମୂରଲୀ ମୋହନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସମସ୍ତ ଗୁରୁଜୀ ଗୁରୁମା ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହଯୋଗରେ ସଫଳ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ରଶେଖରଙ୍କ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଜିକାର ପବିତ୍ର ଦିବସରେ ଛାତ୍ରଛାତ୍ରୀ ତଥା ଗୁରୁଜୀଗୁରୁମାମାନେ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ବୃକ୍ଷକୁ ରାକ୍ଷୀ ବାନ୍ଧି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ସମାଜକୁ ଦେଇଥିଲେ।

## ବିଷଧର ନାଗ ସାପ ସହ ୬ ମାସ ଧରି ରାତି ବିତାଉଛନ୍ତି ଗଜପତିର ଜଣେ ଯୁବକ



ପାରଳାଖେମୁଣ୍ଡି, ୨୮।୮ (ପ୍ରବାହ ନ୍ୟୁଜ): ଗଜପତି ଜିଲ୍ଲାରେ ଏକ ବିରଳ ଘଟଣା ଦେଖାଦେଇଛି । ବିଷଧର ନାଗ ସାପ ସହ ଗଜପତି ଜିଲ୍ଲାର ଜଣେ ଯୁବକ ଛ' ମାସ ଧରି ରାତି ବିତାଉଥିବା ଜଣାପଡିଛି । ଘଟଣାଟି କୌଣସି ଏକ କାହାଣୀ ନୁହେଁ, ପ୍ରକୃତରେ ଏଭଳି ଘଟଣାକୁ କେହି ବିଶ୍ୱାସ କରିବେ ନାହିଁ । ତଥାପି ଘଟଣା ସମ୍ପୂର୍ଣ୍ଣ ସତ୍ୟ ଅଟେ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଲୁହାଗୁଡ଼ି ଗ୍ରାମରେ । ଅଜୟ ପାତ୍ର ନାମକ ଜଣେ ଯୁବକ ଲୁହାଗୁଡ଼ି ଛକରେ ଥିବା ଏକ ହୋଟେଲରେ କାମ କରୁଛନ୍ତି । ଦିନ ସାରା ହୋଟେଲରେ କାମ କରିବା ପରେ ରାତିରେ ହୋଟେଲ ପଛପଟେ ଥିବା ଏକ କୋଠରୀରେ ବିଶ୍ରାମ ନିଅନ୍ତି । ପ୍ରାୟ ୬ ମାସ ତଳେ ଏକ ରାତିରେ ଶୋଇଥିବା ବେଳେ ଏକ ନାଗ ସାପ କୋଠରୀ ଭିତରେ ଥିବା ସେ ଦେଖିଥିଲେ । ତେବେ ସେ କିଛି ମାତ୍ରାରେ ଭୟଭୀତ ହୋଇଥିଲେ । ହେଲେ ସାହସ ଜୁଟାଇ କୋଠରୀରେ ଥିବା ଖଟ ଉପରେ ସେ ଶୋଇ ପଡ଼ିଥିଲେ। ସକାଳେ ଉଠି ଦେଖିବା ବେଳେ ସାପଟି କୋଠିରୀର ବାହାରକୁ ଚାଲିଯାଇଥିଲା ଓ ଠିକ ତା ପରଦିନ ମଧ୍ୟ ପୁଣି ରାତିରେ ନାଗ ସାପଟି କୋଠରୀ ଭିତରକୁ ଚାଲି ଆସିଥିଲା ଏଭଳି ପ୍ରତିଦିନ ନାଗ ସାପଟି ଦିନରେ ବାହାରକୁ ଚାଲିଯାଏ ଆଉ ରାତି ହେଲେ କୋଠରୀକୁ ଆସି ଗୋଟିଏ କୋଣରେ ସୋଇପଡ଼. ଦୀର୍ଘ ୬ ମାସ ଧରି ନାଗ ସାପଟି ଏଭଳି ଆସୁଥିବା ବେଳେ କେବେବି ତାଙ୍କର କୌଣସି କ୍ଷତି କରିନଥିବା କହିଛନ୍ତି ଅଜୟ। ଏଭଳି କି ବେଳେ ବେଳେ ଶୋଇବା କୋଠରୀର କବାଟ ଖୋଲିବା ବେଳେ ନାଗ ସାପଟି ତାଙ୍କ ଖଟ ଉପରେ ଥିବା ମଧ୍ୟ ସେ ଦେଖୁଛନ୍ତି । ରାତିରେ ଶୋଇବା ବେଳେ ନାଗ ସାପଟି ତାଙ୍କ ଗୋଡ଼ ଉପର ଦେଇ ମଧ୍ୟ ଯାଉଥିବା ସେ କହିଛନ୍ତି । ଏଭଳି ଭାବରେ ସାପଟି ତାଙ୍କର କୌଣସି କ୍ଷତି କରୁନଥିବା ଯୋଗୁଁ ସାପ ପ୍ରତି ତାଙ୍କର ଅତ୍ମୀୟତା ବଢ଼ି ଯାଇଥିଲା। ଘଟଣା ନେଇ ଅଜୟ ତାଙ୍କ ଘର ଲୋକଙ୍କୁ ଜଣାଇବା ପରେ ତାଙ୍କର ନାଗ ଗୋତ୍ର ହୋଇଥିବାରୁ ନାଗ ସାପଟି କିଛି ମଧ୍ୟ କ୍ଷତି କରିବ ନାହିଁ ବୋଲି ପରିବାର ଲୋକ ତାଙ୍କୁ କହିଥିବା ଅଜୟ ଜଣାଇଛନ୍ତି । ନାଗ ସହ ମଣିଷ ଏଭଳି ୬ ମାସ ଧରି ରାତି ବିତାଉଥିବା ଦେଖି ସ୍ଥାନୀୟ ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଏହି ଘଟଣାଟି ବର୍ତ୍ତମାନ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

# ଖଣ୍ଡାରେ ବୁଲାଇଲେ, କାର ଭାଙ୍ଗିଲେ

## ନିଆଁ ଲଗାଇ ଅଭିଯୁକ୍ତ ଫେରାର

**ବାଲିପାଟଣା,୨୮।୮(ପ୍ରବାହ ନ୍ୟୁଜ) :** ପଡ଼ୋଶୀଙ୍କ ସହ ବିବାଦକୁ ନେଇ ଉତ୍ତେଜନା। ହାତରେ ଖଣ୍ଡା ଧରି ପଡ଼ୋଶୀ ଦମ୍ପତିଙ୍କୁ ଭୟଭୀତ କରିବା ସହ ସେମାନଙ୍କ କାରକୁ ଖଣ୍ଡାରେ ହାଣି କ୍ଷତିଗ୍ରସ୍ତ କରିବା ପରେ ନିଆଁ ଲଗାଇଦେବା ଭଳି ଘଟଣା ବାଲିପାଟଣା ଥାନା ଅଧୀନ ବାରିଲୋ ନନ୍ଦକଲୋନିରେ ଘଟିଛି।


ସୂଚନା ମୁତାବକ, ଗତରବିବାର ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କୁ ପୁଲିସ ଧରିପାରିନଥିବା ଅଭିଯୋଗ ହୋଇଛି। ବାରିଲୋ ନନ୍ଦକଲୋନିରେ ସରାଟଶାସନ ଦଳିତସାହିର ଯମୁନା ଭୋଇ ଓ ତାଙ୍କ ସ୍ୱାମୀ ଭଡ଼ାଘରେ ରହୁଥିଲେ। ନିକଟରେ ଭୀଙ୍ଗାରପୁର ଅଞ୍ଚଳର ମନୋଜ ଭୋଇ ଓ ତାଙ୍କ ପତ୍ନୀ ମଧ୍ୟ ଏକ ଭଡ଼ାଘରେ ରହୁଥିଲେ। ପଡ଼ୋଶୀ ହୋଇଥିଲେ ମଧ୍ୟ ଦୁଇ ପରିବାର ମଧ୍ୟରେ ସେଭଳି ସୁସମ୍ପର୍କ ନଥିଲା। ଛୋଟଛୋଟ କଥାକୁ ନେଇ ମଝିରେ ମଝିରେ ବିବାଦ ଲାଗି ରହୁଥିବା କୁହାଯାଉଛି। ଘଟଣାଦିନ ବିଳମ୍ବିତ ରାତିରେ କୌଣସି ଏକ କଥାକୁ ନେଇ ମନୋଜ ଗାଳିଗୁଲଜ କରିଥିଲେ। ଏହାକୁ ଯମୁନା ଓ ତାଙ୍କ ସ୍ୱାମୀ ବିରୋଧ କରିବାରୁ ପରିସ୍ଥିତି ଅଧିକ ଉତ୍ତେଜିତ ହୋଇଥିଲା। ମନୋଜ କିଛି ସମୟ ପାଇଁ ନିଜ ଘରକୁ ଯିବା ପରେ ହାତରେ ଖଣ୍ଡା ଧରି ବାହାରକୁ ଆସିଥିବା ଅଭିଯୋଗ ହୋଇଛି। ଖଣ୍ଡା ଧରି ଦମ୍ପତିଙ୍କ ପଛରେ ଗୋଡ଼ାଇବାରୁ ଭୟରେ ସେମାନେ ନିଜ ଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ଦମ୍ପତି ଘର ଭିତରେ ଥିବା ସୁଯୋଗରେ ମନୋଜ ଯମୁନାଙ୍କ କାର (ଓଡ଼ି-୦୨-ଡିଆର-୯୪୪୮) ନିକଟକୁ ଯାଇ ଖଣ୍ଡାରେ ଗାଡ଼ିକୁ ହାଣିଥିଲେ।

ଏଥିରେ କାରଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ପରେ ଗାଡ଼ିରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି।ଘର ଭିତରେ ଥିବା ଦମ୍ପତି ଝରକା ଦେଇ ଘଟଣା ଦେଖୁଥିଲେ ମଧ୍ୟ ହାତରେ ଖଣ୍ଡା ଥିବାରୁ ବାହାରକୁ ଆସିବାକୁ ସାହସ କରିନଥିଲେ। ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଚାଲିଯାଇଥିବା ଜଣାପଡ଼ିଛି।ଏହି ଘଟଣାକୁ ନେଇ ପୀଡ଼ିତ ପରିବାର ପକ୍ଷରୁ ପୁଲିସରେ ଅଭିଯୋଗ ହୋଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ସହ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ତେବେ ଘଟଣାକୁ ୪ଦିନ ବିତିଥିଲେ ସୁଦ୍ଧା ଅଭିଯୁକ୍ତ ଧରାପଡ଼ିନଥିବାରୁ ପୁଲିସର କାର୍ଯ୍ୟପଦ୍ଧତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ଟାଟା ପାୱାର ପକ୍ଷରୁ ଓଃ ମାଇଁ ବିୟୁଟିଫୁଲ ଓଡ଼ିଶା ୪.୦ ପ୍ରତିଯୋଗିତା ଆରମ୍ଭ

# ବିଜେତାଙ୍କୁ ମିଳିବ ନଗଦ ପୁରସ୍କାର ଓ ୨୦୨୭ କ୍ୟାଲେଣ୍ଡରରେ ସ୍ଥାନ

### ୨୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଆବେଦନ




**ଭୁବନେଶ୍ୱର,୨୮।୮(ପ୍ରବାହ ନ୍ୟୁଜ) :** ରାଜ୍ୟ ସରକାରଙ୍କ ସହଭାଗୀତାରେ ଓଡ଼ିଶାରେ ବିଦ୍ୟୁତ୍ ବିତରଣ କାର୍ଯ୍ୟ ପରିଚାଳନା କରୁଥିବା ଭାରତର ଅଗ୍ରଣୀ ସମନ୍ୱିତ ଶକ୍ତି କମ୍ପାନୀ ଟାଟା ପାୱାର ପକ୍ଷରୁ ଏହାର ପ୍ରମୁଖ ଫଟୋଗ୍ରାଫି ପ୍ରତିଯୋଗିତାର ଚତୁର୍ଥ ସଂସ୍କରଣ ଓଃ ମାଇଁ ବିୟୁଟିଫୁଲ ଓଡ଼ିଶା ୪.୦ ଘୋଷଣା କରାଯାଇଛି। ରାଜ୍ୟର ଅଦେଖା ଓ ଅନନ୍ୟ ରୂପକୁ ନିଜ ଲେନ୍ସରେ କଏଦ କରିବା ଲାଗି କମ୍ପାନୀ ଫଟୋଗ୍ରାଫର ଏବଂ ଫଟୋପ୍ରେମୀମାନଙ୍କୁ ଆମନ୍ତ୍ରିତ କରିଛି।

ଚଳିତ ବର୍ଷର ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ରହିଛି ହିଡେନ୍ ଟ୍ରେଜର୍ସ ଅଫ୍ ଓଡ଼ିଶା, ଯାହା ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ଅନେକ ଅଜଣା ଦିଗକୁ ଲୋକଲୋଚନକୁ ଆଣିବା ଉପରେ ଗୁରୁତ୍ୱ ଦିଏ। ଐତିହ୍ୟ, ପରମ୍ପରା, କଳା ଓ ସ୍ଥାପତ୍ୟ ଠାରୁ ଆରମ୍ଭ କରି ପ୍ରାକୃତିକ ପରିବେଶ, ଲୋକଜୀବନ, ଅଜଣା କାହାଣୀ ଏବଂ ଅପରିଚିତ ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟ' - ସାଧାରଣ ପର୍ଯ୍ୟଟକଙ୍କ ନଜରରୁ ଦୂରରେ ଥିବା ଓଡ଼ିଶାର ପ୍ରକୃତ ରୂପକୁ ନିକଟରୁ ଦେଖିବା ପାଇଁ ଏହି ପ୍ରତିଯୋଗିତା ସମସ୍ତଙ୍କୁ ପ୍ରୋତ୍ସାହିତ କରୁଛି।

ଅଂଶଗ୍ରହଣକାରୀମାନେ ନିଜ ଫଟୋଗ୍ରାଫ୍ ମାଧ୍ୟମରେ ଏହି ବିଷୟବସ୍ତୁକୁ ନିଜସ୍ୱ ଢଙ୍ଗରେ ଉପସ୍ଥାପନ କରିପାରିବେ ଏବଂ ରାଜ୍ୟର ବିବିଧ ସାଂସ୍କୃତିକ ତଥା ପ୍ରାକୃତିକ ସ୍ୱରୂପ ଉପରେ ମୌଳିକ ଓ ସୃଜନଶୀଳ ଦୃଷ୍ଟିକୋଣ ପ୍ରକାଶ କରିପାରିବେ। ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ଓଡ଼ିଶାର ସମୃଦ୍ଧତାକୁ ଏକ ସୁନ୍ଦର ଦୃଶ୍ୟମାନ କାହାଣୀ ରୂପରେ ତୋଳି ଧରିବା ସହ ଫଟୋଗ୍ରାଫରମାନଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ କାହାଣୀ ବର୍ଣ୍ଣନା କରିବାର ଦକ୍ଷତା ପ୍ରଦର୍ଶନ କରିବାକୁ ଏକ ଉପଯୁକ୍ତ ସୁଯୋଗ ଯୋଗାଇଦେବା।

ଏହି ପ୍ରତିଯୋଗିତା ମାଧ୍ୟମରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକର ୨୦୨୭ କ୍ୟାଲେଣ୍ଡର ପାଇଁ ୧୩ଟି ଫଟୋଚିତ୍ର ବଛାଯିବ, ଯେଉଁଥିରେ ୧୨ଟି ମାସ ପାଇଁ ୧୨ଟି ଏବଂ କଭର୍ ପେଜ୍ (ମୁଖପୃଷ୍ଠା) ପାଇଁ ଗୋଟିଏ ଫଟୋ ସ୍ଥାନ ପାଇବ। ନିର୍ବାଚିତ ଫଟୋଗୁଡ଼ିକ ଯେଉଁଠାରେ ବ୍ୟବହୃତ ହେବ, ସେଠାରେ ସମ୍ପୃକ୍ତ ଫଟୋଗ୍ରାଫରମାନଙ୍କୁ ଉପଯୁକ୍ତ ଶ୍ରେୟ (କ୍ରେଡିଟ୍) ପ୍ରଦାନ କରାଯିବ। ଏଥିସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଏବଂ ଅଫିସିଆଲ କାର୍ଯ୍ୟରେ ବ୍ୟବହାର ଲାଗି ଫଟୋ ମନୋନୀତ ହୋଇଥିବା କୃତୀ ବିଜେତାମାନଙ୍କୁ ସମ୍ମାନଜନକ ଆକର୍ଷଣୀୟ ନଗଦ ପୁରସ୍କାର ମଧ୍ୟ ଦିଆଯିବ। ଫଟୋଗୁଡ଼ିକର କମ୍ପୋଜିସନ୍, ସୃଜନଶୀଳତା, ମୌଳିକତା, ପ୍ରାମାଣିକତା, କାହାଣୀ ବର୍ଣ୍ଣନା ଏବଂ ମୂଳ ବିଷୟବସ୍ତୁ ସହିତ ସାମସ୍ୟ ଭଳି ପ୍ରମୁଖ ମାନଦଣ୍ଡ ଉପରେ ଆଧାର କରି ମୂଲ୍ୟାଙ୍କନ କରାଯିବ। ଏକ ଲାଇଭ୍ କାର୍ଯ୍ୟକ୍ରମ (ପ୍ରତ୍ୟକ୍ଷ ସମାରୋହ) ମାଧ୍ୟମରେ ବିଜେତାମାନଙ୍କ ନାମ ଘୋଷଣା କରାଯିବ, ଯେଉଁଠାରେ ଫଟୋଗ୍ରାଫରମାନଙ୍କୁ ତଥା ସେମାନଙ୍କ ନିର୍ବାଚିତ ଫଟୋରେ ପ୍ରତିଫଳିତ ସ୍ୱତନ୍ତ୍ର କାହାଣୀ ଏବଂ ନିଆରା ଦୃଷ୍ଟିକୋଣକୁ ଉତ୍ସବ ଭାବେ ସମ୍ମାନିତ କରାଯିବ।

ଅଂଶଗ୍ରହଣ ପାଇଁ ନିୟମାବଳୀ ଓ ସର୍ତ୍ତଗୁଡ଼ିକ ହେଲା ଫଟୋ ଦାଖଲ କରିବାର ଅନ୍ତିମ ତାରିଖ ହେଉଛି ୨୦ ସେପ୍ଟେମ୍ବର ୨୦୨୬। ପ୍ରତ୍ୟେକ ଫଟୋର ଫାଇଲ୍ ଆକାର ସର୍ବାଧିକ ୧୦ ଏମ୍‌ବି ମଧ୍ୟରେ ରହିବା ଆବଶ୍ୟକ। କେବଳ ନିର୍ଦ୍ଧାରିତ ପ୍ରତିଯୋଗିତା ଲିଙ୍କ୍ ଜରିଆରେ ହିଁ ଫଟୋ ଅପଲୋଡ୍ କରିବାକୁ ହେବ। ଅଂଶଗ୍ରହଣକାରୀମାନେ ନିଜ ନାମ, ମୋବାଇଲ୍ ନମ୍ବର, ଇମେଲ୍ ଠିକଣା, ସହର ଏବଂ ଫଟୋ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ସହ ଫଟୋ ପଠାଇବା ଜରୁରୀ। ପ୍ରତିଯୋଗିତା ପାଇଁ କେବଳ ରଙ୍ଗୀନ ଫଟୋ ଗ୍ରହଣଯୋଗ୍ୟ। ଟୋନ୍ କରାଯାଇଥିବା ଛବି ସମେତ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଫଟୋଗୁଡ଼ିକ ପ୍ରତିଯୋଗିତାରୁ ବାଦ୍ ଦିଆଯିବ। ସମସ୍ତ ଫଟୋ ଅଂଶଗ୍ରହଣକାରୀଙ୍କର ନିଜସ୍ୱ ହୋଇଥିବା ବାଞ୍ଛନୀୟ ଏବଂ ପ୍ରତିଯୋଗୀ ହିଁ ଉକ୍ତ ଫଟୋର ଏକମାତ୍ର କପିରାଇଟ୍ ଅଧିକାରୀ ହୋଇଥିବା ଆବଶ୍ୟକ। ଫଟୋଗୁଡ଼ିକ ସମ୍ପୂର୍ଣ୍ଣ ମୌଳିକ ତଥା ପୂର୍ବରୁ ଅପ୍ରକାଶିତ ହୋଇଥିବା ଉଚିତ। ଏଥିରେ କୌଣସି ତୃତୀୟ ପକ୍ଷର ବିଷୟବସ୍ତୁ, ଉପାଦାନ ବ୍ୟବହୃତ ହୋଇନଥିବା ଆବଶ୍ୟକ କିମ୍ବା ଏହା ଅନ୍ୟ କାହାର ପ୍ରଚାର, ବ୍ୟକ୍ତିଗତ ଗୋପନୀୟତା କିମ୍ବା ବୌଦ୍ଧିକ ସମ୍ପତ୍ତି ଅଧିକାରକୁ ଉଲ୍ଲଂଘନ କରୁନଥିବା ଆବଶ୍ୟକ। ସମସ୍ତ ପ୍ରଚଳିତ ଆଇନ ଓ ସରକାରୀ ନିୟମକୁ ପାଳନ କରି ଫଟୋ ଉତ୍ତୋଳନ କରାଯାଇଥିବା ଉଚିତ। ପ୍ରତିଯୋଗିତାରେ ମନୋନୀତ ହେଲେ ଅଂଶଗ୍ରହଣକାରୀମାନଙ୍କୁ ଉକ୍ତ ଫଟୋର ହାଇ-ରିଜୋଲ୍ୟୁସନ୍ ଡିଜିଟାଲ୍ ଫାଇଲ୍ ଦେବାକୁ ପଡ଼ିବ। ପୂର୍ବ ସଂସ୍କରଣରେ ଭାଗ ନେଇଥିବା ପ୍ରତିଯୋଗୀମାନେ ମଧ୍ୟ ଅଂଶଗ୍ରହଣ କରିପାରିବେ, କିନ୍ତୁ ସେମାନଙ୍କୁ ସମ୍ପୂର୍ଣ୍ଣ ନୂଆ ଫଟୋ ପଠାଇବାକୁ ହେବ। ପୂର୍ବରୁ ପଠାଯାଇଥିବା ଫଟୋ ବିଚାରକୁ ନିଆଯିବ ନାହିଁ।

# ବିକାଶର ରାସ୍ତାରେ ବାଧକ ବ୍ରିଜ୍; ବର୍ଷାରେ ବିଚ୍ଛିନ୍ନ କଣ୍ଟାଗୁଡ଼ା



**ମାଲକାନଗିରି,୨୮।୮(ରାମକୃଷ୍ଣ ଚୌଧୁରୀ, ପ୍ରବାହ ନ୍ୟୁଜ) :** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ରାଲେଗାଡ଼ା ପଞ୍ଚାୟତର କଣ୍ଟାଗୁଡ଼ା ଗ୍ରାମ ଆଜି ମଧ୍ୟ ବିକାଶର ମୁଖ୍ୟସ୍ରୋତରୁ ବହୁ ଦୂରରେ ରହିଥିବା ଅଭିଯୋଗ ହୋଇଛି। ପ୍ରାୟ ୨୫ଟି ପରିବାର ବସବାସ କରୁଥିବା ଏହି ଗ୍ରାମକୁ ଏପର୍ଯ୍ୟନ୍ତ ଏକ ସବୁଦିନିଆ ରାସ୍ତା ଓ ଆବଶ୍ୟକୀୟ ବ୍ରିଜ୍ ସୁବିଧା ମିଳିନାହିଁ। ଗ୍ରାମବସୀମାନେ ଏହିପରି ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରିଥାନ୍ତି । ସତେ ଯେପରି ବିକାଶ ଏମାନଙ୍କ ପାଇଁ ସାତ ସପନ ପାଲଟିଛି । ସମସ୍ତ ମୌଳିକ ସୁବିଧାରୁ ଏମାନେ ବଞ୍ଚିତ । କେବେ ଏମାନଙ୍କ ଜୀବନର ମାନଦଣ୍ଡ ସୁଧୁରିବ ତାହା ଦେଖିବାକୁ ବାକିରହିଲା ।

ବର୍ଷା ଦିନରେ ନାଳ ଓ ଝରଣାରେ ଜଳପ୍ରବାହ ବଢ଼ିଲେ ଗ୍ରାମର ଯାତାୟାତ ବ୍ୟବସ୍ଥା ପ୍ରାୟ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ। ଏହାର ସିଧାସଳଖ ପ୍ରଭାବ ରୋଗୀ, ଗର୍ଭବତୀ ମହିଳା ଓ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ଜରୁରୀ ସମୟରେ ଚିକିତ୍ସା କେନ୍ଦ୍ରକୁ ପହଞ୍ଚିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଥିବାବେଳେ, ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ଆଣିବା ମଧ୍ୟ କଷ୍ଟସାଧ୍ୟ ହେଉଛି।


ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ରାସ୍ତା ଓ ବ୍ରିଜ୍ ଅଭାବ ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନବାଡ଼ି ଓ ବିଶୁଦ୍ଧ ପାନୀୟ ଜଳ ଭଳି ମୌଳିକ ସୁବିଧା ମଧ୍ୟ ସଠିକ ଭାବେ ପହଞ୍ଚିପାରୁନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ସୀମାବର୍ତ୍ତୀ ଆନ୍ଧ୍ରପ୍ରଦେଶର ସୁବିଧା ଉପରେ ନିର୍ଭରଶୀଳ ହେବାକୁ ପଡ଼ିପାରେ ବୋଲି ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି।

ତୁରନ୍ତ ସ୍ଥିତିର ସର୍ଭେ କରି କଣ୍ଟାଗୁଡ଼ାକୁ ଏକ ବ୍ରିଜ୍ ଓ ସବୁଦିନିଆ ରାସ୍ତା ସହ ସଂଯୋଗ କରିବା ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଆରମ୍ଭ

# କ୍ରୀଡ଼ା ଶୃଙ୍ଖଳା, ଧୈର୍ଯ୍ୟ ଓ ସକାରାତ୍ମକ ଚିନ୍ତାଧାରା ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମ

**ବାରିପଦା,୨୮।୮(ପ୍ରବାହ ନ୍ୟୁଜ) :** ଜାତୀୟ କ୍ରୀଡ଼ା ଦିବସ-୨୦୨୬ ପାଳନ ଉପଲକ୍ଷେ ଖେଳିବ ଭାରତ, ଜିତିବ ଭାରତ ବିଷୟବସ୍ତୁକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନଙ୍କ ମିଳିତ ଆନୁକୂଲ୍ୟରେ ବାରିପଦା ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଲେଭେଲ୍ ୩.୦ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଏବଂ ଆନ୍ତଃବିଭାଗୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଆଜି ଆରମ୍ଭ ହୋଇଛି।



କାର୍ଯ୍ୟକ୍ରମର ଶୁଭାରମ୍ଭରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଆନୁଷ୍ଠାନିକ ଭାବେ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ?ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ଶ୍ରୀ ନାୟକ କହିଥିଲେ ଯେ, କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ; ଏହା ଶୃଙ୍ଖଳା, ଧୈର୍ଯ୍ୟ, ନେତୃତ୍ୱ, ଦଳଗତ ମନୋଭାବ ଓ ସକାରାତ୍ମକ ଚିନ୍ତାଧାରା ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମ। ଯୁବପିଢ଼ି କ୍ରୀଡ଼ାକୁ କେବଳ ମନୋରଞ୍ଜନରେ ସୀମିତ ନରଖି ନିଜର ପ୍ରତିଭା ବିକାଶ ଓ ଭବିଷ୍ୟତ କ୍ୟାରିୟର ଗଠନର ଏକ ପ୍ରମୁଖ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହିତ, ପ୍ରତ୍ୟେକ ପ୍ରତିଯୋଗୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହିତ ବିଜୟ ଓ ପରାଜୟକୁ କ୍ରୀଡ଼ାସୁଲଭ ମନୋଭାବରେ ଗ୍ରହଣ କରି ନିରନ୍ତର ଉନ୍ନତି ପାଇଁ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ।

ଲେଭେଲ୍ ୩.୦ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ସିଙ୍ଗଲ୍ସ ବର୍ଗରେ ୪୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ସେହିପରି ଆନ୍ତଃବିଭାଗୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ରେ ୧୬ଟି ଡବଲ୍ସ ଦଳ ଅଂଶଗ୍ରହଣ କରୁଛନ୍ତି। ଦୁଇଦିନିଆ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ୨୯ ଅଗଷ୍ଟରେ ଅନୁଷ୍ଠିତ ହେବ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜୁନିୟର ଫୁଟବଲ୍ କୋଚ୍ ତଥା ସ୍ପୋର୍ଟସ୍ ହଷ୍ଟେଲ୍, ବାରିପଦାର କୋଚ୍-ଇନ୍-ଚାର୍ଜ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ?ର ସମ୍ପାଦକ ବିଭୂତି ଭୂଷଣ ଦାସ ଏବଂ ଆନ୍ତର୍ଜାତୀୟ ରଗ୍‌ବୀ ରେଫରୀ ଦିବ୍ୟରଞ୍ଜନ ଦାସ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶିଶିର କୁମାର ମୁନ୍ଦୁୟା କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ଇଣ୍ଡୋର ଷ୍ଟାଡିୟମ୍‌ର ସମସ୍ତ କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ବେଦାନ୍ତ ଆଲୁମିନିୟମ ରକ୍ଷାବନ୍ଧନ ଅବସରରେ

# ସୀମାନ୍ତ ଯବାନଙ୍କୁ ସମ୍ମାନ ଦେବା ସହ ଗ୍ରାମୀଣ ମହିଳା କାରିଗରଙ୍କୁ କରିଛି ସଶକ୍ତ





**ଭୁବନେଶ୍ୱର,୨୮।୮(ପ୍ରବାହ ନ୍ୟୁଜ) :** କୃତଜ୍ଞତା, ସୁରକ୍ଷା ଓ ଏକତାର ମୂଲ୍ୟବୋଧର ପ୍ରତୀକ ରକ୍ଷାବନ୍ଧନ ପର୍ବକୁ ଅର୍ଥପୂର୍ଣ୍ଣ ଭାବରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପାଳନ କରିଛି । ଲାଞ୍ଜିଗଡ଼, ଝାରସୁଗୁଡ଼ା, ବାଲ୍କୋ ଓ କୋଇଲା ଖଣି ଅଞ୍ଚଳରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କମ୍ପାନୀ ରକ୍ଷାବନ୍ଧନର ପରମ୍ପରାକୁ ଏକ ବ୍ୟାପକ ସାମାଜିକ ବାର୍ତ୍ତାରେ ପରିଣତ କରିଛି।

ଦେଶର ଦୁର୍ଗମ ସୀମାନ୍ତ ଅଞ୍ଚଳରେ କାର୍ଯ୍ୟରତ ୧,୦୦୦ରୁ ଅଧିକ ଯବାନଙ୍କ ପାଇଁ ହସ୍ତନିର୍ମିତ ରାଖି ଓ ପର୍ବ ଉପହାର ପଠାଯାଇଥିବା ବେଳେ ଗ୍ରାମୀଣ ମହିଳା କାରିଗରଙ୍କୁ ସେମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନର ସୁଯୋଗ ଦିଆଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ଅବଦାନକୁ ମଧ୍ୟ ସମ୍ମାନିତ କରାଯାଇଛି।

ଲାଞ୍ଜିଗଡ଼ରେ ରକ୍ଷାବନ୍ଧନ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ଓ ଘରଠାରୁ ଦୂରରେ ଥିବା ଯବାନଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା। ବେଦାନ୍ତ ପକ୍ଷରୁ ୧,୦୦୦ରୁ ଅଧିକ ହସ୍ତନିର୍ମିତ ରାଖି, ପାରମ୍ପରିକ ମିଠା, ପର୍ବ ସମ୍ବନ୍ଧୀୟ ବ୍ୟାନର ଓ ସ୍ଥାନୀୟ ଭାବେ ପ୍ରସ୍ତୁତ କଳାକୃତି ଯବାନମାନଙ୍କ ପାଖକୁ ପଠାଯାଇଥିଲା। ଏହି କଳାକୃତିଗୁଡ଼ିକ ଅଞ୍ଚଳର ସମୃଦ୍ଧ ଆଦିବାସୀ କଳା ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ଥିଲା।

ସିଆଚେନ, ସିକ୍କିମ, ଅରୁଣାଚଳ ପ୍ରଦେଶ ଓ ରାଜସ୍ଥାନ ସୀମା ଅଞ୍ଚଳରେ ନିୟୋଜିତ ଯବାନଙ୍କ ପାଖକୁ ସ୍ଥାନୀୟ ସମୁଦାୟର କୃତଜ୍ଞତା ଓ ଏକତାର ବାର୍ତ୍ତା ମଧ୍ୟ ପହଞ୍ଚାଯାଇଥିଲା। ଏହା ସହିତ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ), ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସେସ୍ ( ଏସଆଇଏସ) ଓ ଲାଞ୍ଜିଗଡ଼ ଥାନାର ପ୍ରତିନିଧିଙ୍କୁ କର୍ମଚାରୀମାନେ ରାଖି ବାନ୍ଧି ସମଗ୍ର ଅଞ୍ଚଳର ସୁରକ୍ଷା ଓ ନିରାପତ୍ତା ରକ୍ଷାରେ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ରକ୍ଷାବନ୍ଧନ ସୁରକ୍ଷା, କୃତଜ୍ଞତା ଓ ସାମୁଦାୟିକ ବନ୍ଧନର ପ୍ରତୀକ ଅଟେ। ଏହି ମୂଲ୍ୟବୋଧ ଆମ ସାଂଗଠନିକ ଦର୍ଶନର ମୂଳଭିତ୍ତି ମଧ୍ୟ। ଚଳିତବର୍ଷ ଆମେ ଉତ୍ସବକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରି ଦୁର୍ଗମ ସୀମାନ୍ତରେ ଦେଶର ସୁରକ୍ଷା କରୁଥିବା ଆମ ସଶସ୍ତ୍ର ବାହିନୀର ଯବାନଙ୍କୁ ସମ୍ମାନ ଜଣାଇବା ସହ ସ୍ଥାନୀୟ ମହିଳା କାରିଗରଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିଛୁ। ପାରମ୍ପରିକ ହସ୍ତଶିଳ୍ପକୁ ସ୍ଥାୟୀ ଜୀବିକା ସହ ଯୋଡ଼ିବା ଏବଂ ଯୁବପିଢ଼ିକୁ ପରିବେଶ ସୁରକ୍ଷା ସହ ସାମିଲ କରିବା ମାଧ୍ୟମରେ ଆମେ ଆମ ସହଭାଗୀ ସମୁଦାୟଗୁଡ଼ିକରେ ଦୀର୍ଘସ୍ଥାୟୀ ସାମାଜିକ ମୂଲ୍ୟ ସୃଷ୍ଟି କରିବାକୁ ଚାହୁଁଛୁ।

ରକ୍ଷାବନ୍ଧନର ଭାବନା ଭୌଗୋଳିକ ଦୂରତା ଓ ପରିସ୍ଥିତିର ସୀମାକୁ ଅତିକ୍ରମ କରି ଉତ୍ତର ସିକ୍କିମର ଲାଚୁଙ୍ଗରେ ନିୟୋଜିତ ଜଣେ ଭାରତୀୟ ସେନା ଅଧିକାରୀ କହିଛନ୍ତି, ଆମ ମଧ୍ୟରେ ମାଇଲ ମାଇଲ ଦୂରତା ଥାଇପାରେ ଏବଂ ଚାରିପଟେ ବରଫ ଥାଇପାରେ, କିନ୍ତୁ ରାଖିର ବନ୍ଧନ କୌଣସି ଦୂରତାକୁ ମାନେ ନାହିଁ। ବରଫାଚ୍ଛାଦିତ ଲାଚୁଙ୍ଗ ପର୍ବତରେ ଦେଶର ସୁରକ୍ଷା କରୁଥିବା ଯବାନଙ୍କୁ ମନେ ରଖିଥିବାରୁ ବେଦାନ୍ତକୁ ଆମେ ଧନ୍ୟବାଦ ଜଣାଉଛୁ।

ରାଜସ୍ଥାନ ସୀମାରେ ନିୟୋଜିତ ଜଣେ ଭାରତୀୟ ସେନା ଯବାନ କହିଛନ୍ତି, ଦୁର୍ଗମ ଅଞ୍ଚଳରେ ଦେଶର ସୁରକ୍ଷା ପାଇଁ ଠିଆ ହୋଇଥିବା ଜଣେ ଯବାନଙ୍କ ପାଇଁ ରାଖି ଜଣେ ଭଉଣୀର ଭଲପାଇବା, ଆଶୀର୍ବାଦ ଓ ଭାବନାକୁ ବହନ କରେ। ଲାଞ୍ଜିଗଡ଼ରେ କେହି ଜଣେ ଦୂରଦୂରାନ୍ତରେ ଦେଶ ସେବା କରୁଥିବା ଜଣେ ଯବାନଙ୍କୁ ମନେ ପକାଉଛନ୍ତି—ଏହି ଅନୁଭବ ଅତ୍ୟନ୍ତ ଭାବପ୍ରବଣ ଏବଂ ଦେଶ ସେବା ପାଇଁ ଆମର ପ୍ରେରଣାକୁ ଆହୁରି ଦୃଢ଼ କରିଛି।

ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ଓ ପ୍ରୋଜେକ୍ଟ ବେଦକଳା ମାଧ୍ୟମରେ ମହିଳା ଉଦ୍ୟୋଗିତା, ସ୍ଥାୟୀ ଜୀବିକା ଓ ପରିବେଶ ଅନୁକୂଳ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲା। ଏହି ପ୍ରକଳ୍ପ ସହ ଜଡ଼ିତ ମହିଳା କାରିଗରମାନେ ଝୋଟ, କଏର ଓ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀରୁ ପ୍ରସ୍ତୁତ ବିଭିନ୍ନ ହସ୍ତନିର୍ମିତ ରାଖି ପ୍ରଦର୍ଶନ କରିଥିଲେ।

ପାରମ୍ପରିକ କାରିଗରୀକୁ ଆଧୁନିକ ପରିବେଶ ସଚେତନତା ସହ ଯୋଡ଼ି ଏହି ପଦକ୍ଷେପ ମହିଳା କାରିଗରଙ୍କୁ ସେମାନଙ୍କ ସୃଜନଶୀଳତା ପ୍ରଦର୍ଶନ ପାଇଁ ମଞ୍ଚ ଦେବା ସହିତ ପରିବେଶ ଅନୁକୂଳ ଭାବେ ପର୍ବ ପାଳନ ପାଇଁ ଲୋକଙ୍କୁ ଉତ୍ସାହିତ କରିଥିଲା।

ବାଲ୍କୋରେ ରକ୍ଷାବନ୍ଧନ ପରସ୍ପର ସମ୍ମାନ ଓ କୃତଜ୍ଞତାର ବନ୍ଧନକୁ ସୁଦୃଢ଼ କରିବାର ଅବସର ପାଲଟିଥିଲା। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସମେତ ଅଗ୍ନିଶମ, ସୁରକ୍ଷା ଓ ନିରାପତ୍ତା ଟିମ୍‌ର ପ୍ରତିନିଧିମାନଙ୍କୁ ରାଖି ବାନ୍ଧିଥିଲେ। ଏହା ମାଧ୍ୟମରେ ସେମାନଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା।

ବେଦାନ୍ତ ଆଲୁମିନିୟମର ବିଭିନ୍ନ କୋଇଲା ଖଣିରେ ମଧ୍ୟ ସାମୁଦାୟିକ ଏକତା ଓ ପରିବେଶ ସଚେତନତାକୁ କେନ୍ଦ୍ର କରି ରକ୍ଷାବନ୍ଧନ ପାଳନ କରାଯାଇଥିଲା। ଜାମଖାଣି କୋଇଲା ଖଣିରେ ଓମ୍ ଶାନ୍ତି ବ୍ରହ୍ମାକୁମାରୀଜଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ, ଅଂଶୀଦାର ଓ ସମୁଦାୟ ସଦସ୍ୟମାନେ ଯୋଗଦେଇ ସମନ୍ୱୟ ଓ ପରସ୍ପର ସମ୍ମାନର ବାର୍ତ୍ତା ଦେଇଥିଲେ।

ସେହିପରି କୁଡାଲୋଇ କୋଇଲା ଖଣିରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଦୈନନ୍ଦିନ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ହସ୍ତନିର୍ମିତ ରାଖି ପ୍ରସ୍ତୁତ କରିଥିଲେ। ଏହା ମାଧ୍ୟମରେ ରକ୍ଷାବନ୍ଧନକୁ ସୃଜନଶୀଳତା, ସମ୍ପଦର ସୁବିଚାରିତ ବ୍ୟବହାର ଓ ପରିବେଶ ସୁରକ୍ଷାର ଏକ ଶିକ୍ଷାରେ ପରିଣତ କରାଯାଇଥିଲା। ଏଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଏହାର ସମୁଦାୟଗୁଡ଼ିକରେ ଅର୍ଥପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି ପାଇଁ ନିଜ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି। ସ୍ଥାନୀୟ ଆକାଂକ୍ଷାକୁ ପ୍ରୋତ୍ସାହନ, ସ୍ଥାୟୀ ଜୀବିକାକୁ ସମର୍ଥନ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ସମୁଦାୟର ଅଂଶଗ୍ରହଣକୁ ଉତ୍ସାହିତ କରି କମ୍ପାନୀ ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶରେ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି।

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ ନିଜ ସମୁଦାୟଗୁଡ଼ିକ ସହିତ ମିଳିତ ଭାବେ ଆଗକୁ ବଢ଼ିବା ଏବଂ ଲୋକ ଓ ଅଞ୍ଚଳର ସମୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛି।

Printed, Published and owned by Diptimanjari Mohapatra, Printed at Mallhar Publications, Plot No. D.1/1, SECTOR-A, ZONE-D, MANCHESWAR INDUSTRIAL ESTATE, BHUBANESWAR-751010, KHORDHA, ODISHA and Published Srutirekha Nivas, Plot No- 154/462, Nilachakra Nagar, Gopinathpur, Puri, Odisha, Pin-752002, Email id:prabaha.daily@gmail.com, prabaha2008@gmail.com, Mo-9938340066

ସମ୍ପାଦକ: ଅଭିମନ୍ୟୁ ମହାପାତ୍ର
Editor : Abhimanyu Mohapatra